୬ ଝାରସୁଗୁଡ଼ା ପ୍ରିମିୟର ଲିଗ୍ : ଟାଉନ୍ ବୀର୍ସ ଚାମ୍ପିଅନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବର୍ଣ୍ଣେ ବାଧକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୧୫ ● ୨୬ ମଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-115 ● 26th May 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ

# ୨ୟ ବର୍ଷ ଶାସନ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବାକୁ କଲେ ନିମନ୍ତ୍ରଣ

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ସମ୍ପ୍ରତି ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହାସହ ଓଡ଼ିଶାବାସୀଙ୍କ ସେବାରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି।



ଏନେଇ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଓଡ଼ିଶାର ଭିତ୍ତିଭୂମିର ବିକାଶ, ପୁଞ୍ଜିନିବେଶ ସମ୍ପ୍ରସାରଣ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ମଧ୍ୟ ଆଲୋଚନା ମଧ୍ୟ ହୋଇଛି। ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ଆନ୍ତରିକ ଧନ୍ୟବାଦ।'

ଏଠାରେ ସୂଚନାଯୋଗ୍ୟ ଓଡ଼ିଶାରେ ବିଜେପି ସରକାରଙ୍କ ଶାସନର ଦୁଇ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଜୁନ୍ ୧୨ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୧୦ଦିନ ବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ସମାରୋହର ଆୟୋଜନ କରାଯାଉଛି। ରାଜ୍ୟ ସରକାର ନୂଆ କରି କାର୍ଯ୍ୟକାରୀ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ତା'ର ସଫଳତା ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ପାଇଁ ଅଭିନବ ଢଙ୍ଗରେ ପ୍ରଚାର ନିମନ୍ତେ ପଦକ୍ଷେପ ନିଆଯାଉଛି। ଶାସନର ଦୁଇ ବର୍ଷ ପୂର୍ତ୍ତି ସମାରୋହକୁ ଯଥା ସମ୍ଭବ ନିରାଡମ୍ବର ଭାବରେ ପାଳନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଯୋଗଦେବା ଲାଗି ନିମନ୍ତ୍ରଣ ଜଣାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱତନ୍ତ୍ର ଭାବେ ଦିଲ୍ଲୀ ଯାଇଥିଲେ। ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିପାରନ୍ତି । ତେବେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସରକାରୀ ଭାବେ କୌଣସି ସୂଚନା ନିର୍ଦ୍ଧାରିତ ହୋଇନାହିଁ।

## ରାଷ୍ଟ୍ରପତି ଭବନରେ ପଦ୍ମ ସମ୍ମାନ ସମାରୋହ

# ପଦ୍ମଶ୍ରୀ ସମ୍ମାନ ଗ୍ରହଣ କଲେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ମହେନ୍ଦ୍ର ମିଶ୍ର

ନୂଆଦିଲ୍ଲୀ, ୨୫।୫

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ବର୍ଷ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଉତ୍ସବରେ ୬୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି।



ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମଧ୍ୟରେ ପଦ୍ମ ପୁରସ୍କାର ଚଳିତ ବର୍ଷ ଜାନୁଆରୀରେ ଘୋଷଣା କରା ଯାଇଥିଲା। ରାଷ୍ଟ୍ରପତି ୨୦୨୬ ବର୍ଷ ପାଇଁ ମୋଟ ୧୩୧ ପଦ୍ମ ପୁରସ୍କାରକୁ ଅନୁମୋଦନ କରିଥିଲେ, ଯେଉଁଥିରୁ ସୋମବାର ୬୬ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଛନ୍ତି ଓଡ଼ିଶାର ବିଶିଷ୍ଟ ଭାଷାବିତ୍ ତଥା ଶିକ୍ଷାବିତ୍ ଡକ୍ଟର ମହେନ୍ଦ୍ର ମିଶ୍ର । ଡକ୍ଟର ମହେନ୍ଦ୍ର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରି ଆସୁଛନ୍ତି ।

୨୦୨୬ ମସିହାରେ ସ୍ୱର୍ଗତ ଅଭିନେତା ଧର୍ମେନ୍ଦ୍ର ସିଂହ ଦେଓଲଙ୍କୁ ପ୍ରଥମେ ମରଣୋତ୍ତର ଭାବରେ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଥିଲା। ତାଙ୍କ ପତ୍ନୀ, ଅଭିନେତ୍ରୀ ହେମା ମାଳିନୀ ଏହି ପୁରସ୍କାର ଗ୍ରହଣ କରିଥିଲେ।

ସେହିପରି ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌର ଏବଂ ବଙ୍ଗଳାର ସୁପ୍ରସିଦ୍ଧ ଅଭିନେତା ପ୍ରସନଜିତ୍ ଚାଟାର୍ଜୀଙ୍କୁ ମଧ୍ୟ ରାଷ୍ଟ୍ରପତି ପଦ୍ମଶ୍ରୀ ଉପାଧିରେ ସମ୍ମାନୀତ କରିଛନ୍ତି।

ପରବର୍ତ୍ତୀ ପର୍ଯ୍ୟାୟରେ ଚଳିତ ବର୍ଷର ତାଲିକା ଅନୁଯାୟୀ, ମୋଟ ପାଞ୍ଚ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ ବୋଲି ନିର୍ଦ୍ଧାରିତ ହୋଇଛି। ସୋମବାର ଦିନ ଅନୁଷ୍ଠିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

# ରାଜ୍ୟସଭାରୁ ଇସ୍ତଫା ଦେଲେ ଦେବାଶିଷ ସାମନ୍ତରାୟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳ (ବିଜେଡ଼ି) ର ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ସୋମବାର ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନଙ୍କୁ ମଧ୍ୟ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଏହାପୂର୍ବରୁ ସେ ଦଳର ପ୍ରାଥମିକ ସଦସ୍ୟତା ପଦରୁ ମଧ୍ୟ ଇସ୍ତଫା ଘୋଷଣା କରି ବିଜୁ ଜନତା ଦଳ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ଦଳର ନେତୃତ୍ୱ ଅବହେଳା କରିଥିବା ସେ ଅଭିଯୋଗ କରିଛନ୍ତି।



ନୂଆଦିଲ୍ଲୀରେ ଅଧ୍ୟକ୍ଷଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିବା ପରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସୋମବାର ସକାଳେ ସେ ତାଙ୍କ ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ପତ୍ର ବିଜେଡ଼ି ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି। ସେହି ଚିଠିରେ ସେ କିଛି କାରଣ ଦର୍ଶାଇଥିଲେ। ଏହାପରେ ସେ ରାଜ୍ୟସଭା ଆସନରୁ ଇସ୍ତଫା ଦେବାକୁ ଯାଇଥିଲେ।

ଭାରତୀୟ ଜନତା ପାର୍ଟିରେ ଯୋଗ ଦେବାର ସମ୍ଭାବନା ବିଷୟରେ ସେ କହିଛନ୍ତି ଯେ ଜଣେ ରାଜନେତା (ପୃଷ୍ଠା ୭ରେ)

# ଓଇଆର୍‌ସି ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନାଙ୍କ ଇସ୍ତଫା

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ର ଅଧ୍ୟକ୍ଷ ପଦରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଶ୍ରୀ ଜେନା ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପ୍ରଦୀପ ଜେନାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି ରାଜ୍ୟ ସରକାର।ଏନେଇ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨୦୨୫ରୁ ଓଇଆର୍‌ସି ଅଧ୍ୟକ୍ଷ ପଦରେ ଶ୍ରୀ ଜେନାଙ୍କୁ ନିଯୁକ୍ତ କରାଯାଇଥିଲା।



# ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲର ସୁଶାନ୍ତ ସାହୁ (ପିତା – ବାମଦେବ ସାହୁ)ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆସନ୍ତା ୨୮ରେ ଇଦ୍-ଉଲ୍-ଜୁହା ଛୁଟି।
- ବ୍ରହ୍ମଗିରିରେ ପୁରୁଣା ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା, କାଜୁ ଜଙ୍ଗଲରୁ ମୃତଦେହ ଉଦ୍ଧାର।
- କୋଟା ରେଳ ବିଭାଗରେ ତତ୍କାଳ ବୁକିଂ ପାଇଁ ଟୋକନ ବ୍ୟବସ୍ଥା ଆରମ୍ଭ।
- ନିଟ୍ ପେପର ଲିକ୍ ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ଏନଟିଏକୁ ନୋଟିସ୍ ଜାରି।
- ମହାରାଷ୍ଟ୍ରର ଲାଲିଙ୍ଗ ଘାଟରେ ତିନୋଟି ଗାଡ଼ି ମୁହାଁମୁହିଁ ଧକ୍କା, ଛଅ ଜଣଙ୍କର ମୃତ୍ୟୁ, ୨୬ ଜଣ ଆହତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୦୬ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୮୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୨୯ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୮୫ (+୦)

# ଦିନ ୧୨ରୁ ୩ଟା ଯାଏଁ ଫିଲ୍ଡ ୱାର୍କ ବନ୍ଦ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିପ୍ରେକ୍ଷୀରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) କାର୍ଯ୍ୟରେ ନିଯୁକ୍ତ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ସୁରକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ ୧୧ ଏବଂ ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼ ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏ ଫିଲଡ଼ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ସେହିପରି ଅଂଶୁଘାତରୁ ରକ୍ଷା ପାଇବା ପାଇଁ କର୍ତ୍ତବ୍ୟ ସମୟରେ ପ୍ରତ୍ୟେକ ଅଧିକାରୀ ନିଜ ସାଙ୍ଗରେ ୪ଟି ଆବଶ୍ୟକୀୟ ସାମଗ୍ରୀ –ପାଣି ବୋତଲ, ଓଆରଏସ କିମ୍ବା ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍ ,ଟୋପି କିମ୍ବା ଛତା,ଜରୁରୀକାଳୀନ ଯୋଗାଯୋଗ ପାଇଁ ସକ୍ରିୟ ମୋବାଇଲ୍ ଫୋନ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ନିର୍ବାଚନ ଅଧିକାରୀ, ବିଏମସି କମିଶନର ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଂଶୁଘାତ ସତର୍କତା ଅନୁପାଳନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ବିଏଲ୍ଓ ସୁପରଭାଇଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ (ପୃଷ୍ଠା ୭ରେ)

# ଏଡିଜି କମ୍ୟୁନିକେସନ ପଦରୁ ହଟିଲେ ଦୟାଲ ଗଙ୍ଗୱାର



ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ଘଟଣା ନେଇ ବିବାଦରେ ଥିବା ବରିଷ୍ଠ ଆଇପିଏସ ଦୟାଲ ଗଙ୍ଗୱାରଙ୍କୁ ବଦଳି କରାଯାଇଛି। ତାଙ୍କୁ ଗୃହ ବିଭାଗ ଓଏସଡି ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଏଡିଜିପି କମ୍ୟୁନିକେସନ ପଦରୁ ତାଙ୍କୁ ହଟାଇ ଦିଆଯାଇଛି। (ପୃଷ୍ଠା ୭ରେ)

# ଅପରାଧୀଙ୍କ ବିରୋଧରେ ଜିରୋ ଟଲେରାନ୍ସ ପାଇଁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଦିନକୁ ଦିନ ବଢୁଥିବା ସଙ୍ଗଠିତ ଅପରାଧ, ହତ୍ୟା, ଆକ୍ରମଣ ଓ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ଦ୍ୱାରା ପୁଲିସ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ଗୁରୁତର ସହ ନେଇଛି ଓଡ଼ିଶା ପୁଲିସ। ଆଇନ-ଶୃଙ୍ଖଳା, ସାଧାରଣ ଜନତାଙ୍କ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଦୃଢ଼ ଓ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶା ପୁଲିସକୁ ଅପରାଧୀଙ୍କ ବିରୋଧରେ "ଜିରୋ ଟଲେରାନ୍ସ" ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ।



ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ଅପରାଧୀଙ୍କ ଦ୍ୱାରା ସଂଗଠିତ ହତ୍ୟାକାଣ୍ଡ ଓ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ସୋମବାର ପୋଲିସ୍ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବ୍ରହ୍ମପୁର ବଡ ବଜାର ଥାନା ଅଞ୍ଚଳରେ ପୋଲିସ୍ ବାହିନୀ ଫ୍ଲାଗ୍ ମାର୍ଚ୍ଚ କରିଛି। ଆଇଜି, ଏସ୍‌ପି ଏବଂ ବରିଷ୍ଠ ପୋଲିସ୍ ଅଧିକାରୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଚାରି ପ୍ଲାଟୁନ୍ ପୋଲିସ୍ ଫୋର୍ସ ବଡ ବଜାର ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରିଛନ୍ତି। ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ପୋଲିସ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପୁଲିସ ଡିଜି ଶ୍ରୀ ଖୁରାନିଆ କହିଛନ୍ତି ପୋଲିସ୍ ଉପରେ ଆକ୍ରମଣ କରୁଥିବା ଓ ସାଧାରଣ ଲୋକଙ୍କ ମନରେ ଭୟର ପରିବେଶ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଓ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଜାରି ରହିବ । ଏଥିସହ ଆଇନକୁ ହାତକୁ ନେଇ ସମାଜରେ ହିଂସା ସୃଷ୍ଟି କରୁଥିବା, ଅବୈଧ ଅସ୍ତ୍ର ବ୍ୟବହାର କରୁଥିବା ଓ ପୁଲିସ ଉପରେ ଆକ୍ରମଣ କରୁଥିବା ଅପରାଧୀମାନଙ୍କ ବିରୋଧରେ କୌଣସି ପ୍ରକାର ସହନଶୀଳତା ପ୍ରଦର୍ଶନ କରାଯିବ ନାହିଁ ବୋଲି ସେ ରୋକଠୋକ ଶୁଣାଇ ଦେଇଛନ୍ତି।




## ଏକାଳ ପଖାଳ



କମନ୍ ମ୍ୟାନ୍ ବୁଲିବୁଲି କିନା
ଭେଟିଲା ଯେତକ ନୋକ
ଏସି ରୁମ୍‌ରେ ଥଣ୍ଡା ପିଇ ପିଇ
ଲାଗୁଥିଲେ ଯେହ୍ନେ ଜୋକ
କହିଲେ କି ଗରମ ଦେଖ
ଭାବିଲି ମୁହିଁ ଖରା ଦିନେ ସତେ
ଧନୀଙ୍କ ଆହାକି ଦୁଃଖ !

# ନିର୍ମଳାଙ୍କ '୩-ଏଫ୍' ସୂତ୍ର, ସମାଲୋଚକଙ୍କୁ ନିନ୍ଦା କଲେ



ନୂଆଦିଲ୍ଲୀ, ୨୫।୫

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରୁ ଦେଶକୁ ସୁରକ୍ଷା ଦେବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ '୩-ଏଫ୍' ସୂତ୍ର ଉପରେ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶୀ ମୁଦ୍ରା ସଞ୍ଚୟ ଆହ୍ୱାନକୁ ସମର୍ଥନ ଜଣାଇ ସେ କହିଛନ୍ତି ଯେ ଆମକୁ ୩ଟି ଏଫ୍-ଫୁଏଲ୍ (ଇନ୍ଧନ), ଫର୍ଟିଲାଇଜର (ସାର) ଓ ଫୋରେକ୍ସ (ବିଦେଶୀ ମୁଦ୍ରା ଭଣ୍ଡାର) ଉପରେ ଧ୍ୟାନ ଦେବାକୁ ପଡ଼ିବ।

ସାରା ବିଶ୍ୱରେ ଯୁଦ୍ଧକୁ ନେଇ ଯେଉଁ ସ୍ଥିତି ଦେଖାଦେଇଛି, ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅଶୋଧିତ ତୈଳ ଓ ସାର ମୂଲ୍ୟ ଅସମ୍ଭାଳ ସ୍ତରରେ ପହଞ୍ଚିଯାଇଛି। ସୁନା ଆମଦାନି ଅଧିକ ଚାପ ସୃଷ୍ଟି କରିଥିବା ସେ କହିଛନ୍ତି। ବର୍ତ୍ତମାନ ସମୟକୁ ଭିନ୍ନ ବୋଲି ଦର୍ଶାଇବାକୁ ଯାଇ ନିର୍ମଳା କହିଛନ୍ତି ଯେ ଏହା ଆଉ କୂଟନୈତିକ କିମ୍ବା ଭୂ-ରାଜନୈତିକ ବିଷୟ ନୁହେଁ। ଏହା ହେଉଛି ଏକ ବାହ୍ୟ ସମସ୍ୟା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଲାଗି ରହିଲେ ତାହା ଭାରତୀୟ ଅର୍ଥନୀତିକୁ ସିଧାସଳଖ ପ୍ରଭାବିତ କରିବ।

ଆମଦାନି ମହଙ୍ଗା ହେବ ଓ ପରିବହନ ପ୍ରଭାବିତ ହେବ। ସରକାର କିନ୍ତୁ ସାଧାରଣ ନାଗରିକ, (ପୃଷ୍ଠା ୭ରେ)


# ଆହୁରି ପ୍ରଚଣ୍ଡ ହେବ ତାତି ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୫।୫

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜନିତ ପ୍ରଚଣ୍ଡ ତାତି ଜାରି ରହିଛି । ତେବେ ଆଗକୁ ଏହି ତାତି ଆହୁରି ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚାରିଦିନ ଖରା କଲବଲ କରିବା ନେଇ ହିଟୱେଭ ୱାର୍ଣ୍ଣିଂ ଜାରି କରାଯାଇଛି ।

ବଲାଙ୍ଗୀର, ବୌଦ୍ଧ ଏବଂ ସମ୍ବଲପୁର ଜିଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଚାରି ଜିଲ୍ଲାକୁ ଗୁଳୁଗୁଳି ପାଇଁ ସତର୍କ ସୂଚନା ଜାରି କରାଯାଇଛି । ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।



ସୋମବାର ଦିନ ୧୧.୩୦ ସୁଦ୍ଧା ୪୦ ଡିଗ୍ରୀ ଉପରେ ୩ ସହରର ତାପମାତ୍ରା ରହିଥିଲା । ସମ୍ବଲପୁରରେ ୪୧ ଡିଗ୍ରୀ ରହିଥିବା ବେଳେ ହିରାକୁଦରେ ୪୦.୨ ଡିଗ୍ରୀ ରହିଛି । ସେହିପରି ଝାରସୁଗୁଡାରେ ୪୦ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ୩୬.୨ ଡିଗ୍ରୀ ରହିଥିଲା ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୬ ମଇ ୨୦୨୬ ମଙ୍ଗଳବାର





# ଶୋଚନୀୟ ସ୍ଥିତିରେ ବହୁତଳ କାର୍ ପାର୍କିଂ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜନପଥ ତଥା ସଚିବାଳୟ ମାର୍ଗ ଅଞ୍ଚଳରେ ଯେପରି ପାର୍କିଂଜନିତ ସମସ୍ୟା ଅଧିକ ରହିବନି, ସେଥିପାଇଁ ସହିଦନଗର ଓ ରାଜମହଲ ଛକରେ ବହୁତଳ କାର ପାର୍କିଂସ୍ଥଳୀ ନିର୍ମାଣ ହୋଇଛି। କୋଟି କୋଟି ଟଙ୍କାରେ ନିର୍ମିତ ଏହି ବିଲ୍ଡିଂରେ ଆଧୁନିକ ସେନ୍‌ସର ମନିଟରିଂ, ଡିଜିଟାଲ ଟିକେଟ୍, ଇଭି ଚାର୍ଜିଂ ଷ୍ଟେସନ, ସିସିଟିଭି ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ହେଲେ ପରିଚାଳନା ଅଭାବରୁ ବର୍ତ୍ତମାନ ଏହି ଆଧୁନିକ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକ୍ଷମ ହେଉନାହିଁ। ଏପରିକି ଏଠାରେ ପାନୀୟ ଜଳ, ଶୌଚାଳୟ, ଲିଫ୍ଟ ମଧ୍ୟ ଅଚଳ ହୋଇପଡ଼ିଛି। ଚଢ଼ା ଦର ସାଙ୍ଗକୁ ବିଭିନ୍ନ ସମସ୍ୟା ପାଇଁ ଜନଅସନ୍ତୋଷ ସୃଷ୍ଟି ହେଲାଣି। ମାର୍କେଟ୍ ବିଲ୍‌ଡିଂ ନିକଟ ବହୁତଳ ପାର୍କିଂରେ ସବୁଠାରୁ ଅଧିକ ଗାଡ଼ି ପାର୍କିଂ କରାଯାଉଛି। ୦.୯୪୬ ଏକର ଜାଗାରେ ନିର୍ମାଣ କରାଯାଇଥିବା ଏହି ପାର୍କିଂସ୍ଥଳରେ ୪୦୦ କାର ଓ ୭୦୦ ବାଇକ୍ ଏକ ସମୟରେ ପାର୍କ ହେବାର ବ୍ୟବସ୍ଥା ରହିଛି। ହେଲେ ଏଠାରେ ମୌଳିକ ସୁବିଧା ପାଇଁ ଅସନ୍ତୋଷ ବଢ଼ୁଛି। ବହୁତଳ ପାର୍କିଂ ତଳ ମହଲାରେ ଥିବା ପାନୀୟ ଜଳ ମେସିନ୍, ଶୌଚାଳୟର ଟ୍ୟାପ୍ ଭାଙ୍ଗିଯାଇଥିବା ବେଳେ ଉପର ମହଲାରେ ଥିବା ଶୌଚାଳୟରେ ତାଲା ଝୁଲୁଛି। ସେହିପରି ଡିଜିଟାଲ ଟିକେଟ୍ ଓ ପାସ୍‌ର ସୁବିଧା ଥିବା ମେସିନ ଅଚଳ ହୋଇ ପଡ଼ିରହିଛି। ସହିଦନଗର ପାର୍କିଂରେ ଇ-ଯାନ ଚାର୍ଜିଂର ସୁବିଧା ଥିଲେ ମଧ୍ୟ ଏଠାରେ ନାହିଁ। ଏହି ପ୍ରସ୍ଥାନ ଗେଟ୍ ସମ୍ମୁଖରେ କିଛି ଉଠା ଦୋକାନୀ ବସିଛନ୍ତି। ସେହିପରି ସହିଦନଗର ବହୁତଳ କାର୍ ପାର୍କିଂସ୍ଥଳରେ ଏକ ସମୟରେ ୧୯୬ କାର ଓ ୩୯୮ ବାଇକ ପାର୍କ ହୋଇପାରିବାର ବ୍ୟବସ୍ଥା ରହିଛି। ହେଲେ ଏଠାରେ ମଧ୍ୟ ଶୌଚନୀୟ ପରିବେଶ ସହିତ ମୌଳିକ ସୁବିଧା ମିଳୁନଥିବାରୁ ଲୋକମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍‌ଲାଇନ୍‌ରେ ଯେଉଁ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା ନେଇ ଡିଣ୍ଡିମ ପିଟୁଥିଲେ, ତାହା ମଧ୍ୟ କାମ କରୁନାହିଁ। କେଉଁ ମହଲାରେ କେତେ ଗାଡ଼ି ଲେଖୁଥିବା ଡିସ୍‌ପ୍ଲେ ବୋର୍ଡ ଅଚଳ ପଡ଼ିଛି। ଡିଜିଟାଲ ଟିକେଟ୍ ଓ ପାସ୍‌ର ସୁବିଧା ଥିବା ମେସିନ ଓ ଲିଫ୍ଟ ଗୋଟେ କାମ କରୁନି। ପାନୀୟ ଜଳ ସୁବିଧା ମଧ୍ୟ ନାହିଁ। ସେହିପରି ପାର୍କିଂ ଚାରିପଟେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇରହିଛି। ଶୌଚାଳୟ ଭଲରେ ସଫା ହେଉନଥିବାରୁ ଦୁର୍ଗନ୍ଧ ହେଉଛି। ତେବେ ଏନେଇ ସ୍ମାର୍ଟ ସିଟିର ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପାର୍କିଂ ବ୍ୟବସ୍ଥାକୁ ଆମେ ସୁବ୍ୟବସ୍ଥିତ କରୁଛୁ। ଲୋକଙ୍କ ସୁବିଧାକୁ ଅଗ୍ରାଧିକାର ଦେଉଛୁ। ତଥାପି ଯାହା ଅସୁବିଧା ରହିଛି, ତାକୁ ସୁଧାରିବୁ। ଇଭି ଷ୍ଟେସନ କରିବା ଉପରେ ଚିନ୍ତା କରାଯାଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଦୂଷଣମୁକ୍ତ କ୍ୟାମ୍ପସ୍ ଅଭିଯାନ: ଶନିବାର ପେଟ୍ରୋଲ, ଡିଜେଲ୍ ଗାଡ଼ିକୁ ନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ହରି ବାବୁ କମ୍ଭମପାଟିଙ୍କ ପରାମର୍ଶକ୍ରମେ ସପ୍ତାହର ଗୋଟିଏ ଦିନ କ୍ୟାମ୍ପସ ଭିତରକୁ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ଆଜିଠାରୁ କଟକଣା ଲାଗିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟ ପ୍ରବେଶ ପଥରେ 'ଶନିବାର ଯାନମୁକ୍ତ ଦିବସ' ଶୀର୍ଷକ ବ୍ୟାନର ଲଗାଯାଇଥିଲା। ଯେଉଁଥିରେ ଆହୁରି ଉଲ୍ଲେଖ ଥିଲା ଯେ 'ଇଭିର ବ୍ୟବହାର, ଇନ୍ଧନ ଯାନକୁ ନାଁ, ଚାଲିବା ବଢ଼ାନ୍ତୁ, ସାଇକେଲ ବାଛନ୍ତୁ, ଶୁଦ୍ଧ ପବନ ସୁସ୍ଥ ପରିବେଶ'। ଏଥି ସହ 'ପ୍ରଦୂଷଣ କମିଲେ, ଭବିଷ୍ୟତ ହସିବ' ଭଳି ବାର୍ତ୍ତା। ମଧ୍ୟ ଏହି ବ୍ୟାନରରେ ଉଲ୍ଲେଖ ରହିଥିଲା। ଏଭଳି ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟରେ ଏଭଳି କଟକଣା ଲଗାଯିବା ସହ ସୁରକ୍ଷା କର୍ମୀମାନେ ମୁଖ୍ୟ ଫାଟକରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରବେଶ ପଥରେ ୫ ଜଣ ସୁରକ୍ଷା କର୍ମୀ ଛିଡ଼ା ହୋଇ କ୍ୟାମ୍ପସ ଭିତରକୁ ପେଟ୍ରୋଲ୍-ଡିଜେଲ୍ ଚାଳିତ ୨ଚକିଆ ଓ ୪ ଚକିଆ ଯାନର ପ୍ରବେଶକୁ ବାରଣ କରିଥିଲେ। ଯେଉଁଥି ପାଇଁ ବିଶ୍ୱବିଦ୍ୟାଳୟର ପ୍ରବେଶ ପଥରେ ବିଭିନ୍ନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। କାମରେ ଆସୁଥିବା ଛାତ୍ରଛାତ୍ରୀ, ଅଭିଭାବକ, ଅଧିକାରୀମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଅଧିକାଂଶ କ୍ୟାମ୍ପସ ବାହାରେ ଗାଡ଼ି ରଖି ଚାଲିଚାଲି ଖରାରେ ଭିତରକୁ ଯାଇଥିଲେ। ଆଉ କିଛି ଏଭଳି ନିୟମକୁ ବିରୋଧ କରିବା ସହ ଜୋର ଜବରଦସ୍ତ କ୍ୟାମ୍ପସ ଭିତରକୁ ଗାଡ଼ି ନେଇ ପ୍ରବେଶ କରିଥିଲେ। ଏହାକୁ ନେଇ ସୁରକ୍ଷା କର୍ମୀ ଓ ପ୍ରବେଶକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ସହ ବଚସା ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରବେଶକାରୀ ଅଭିଯୋଗ କରିଥିଲେ ଯେ ଶନିବାର ଇନ୍ଧନ ଯୁକ୍ତ ଗାଡ଼ି ପ୍ରବେଶକୁ ବାରଣ ନେଇ ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଛି ସୂଚନା ଦିଆଯାଇ ନଥିଲା। ହଠାତ୍ ଏଭଳି କଟକଣା ଦ୍ୱାରା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଥିପାଇଁ ଅଧିକ ଇଭି ଗାଡ଼ିର ବ୍ୟବସ୍ଥା ଆବଶ୍ୟକ ବୋଲି ସେ କହିଥିଲେ। ଏ ନେଇ ପ୍ରଫେସର କୁଳପତି ଚଣ୍ଡୀପ୍ରସାଦ ନନ୍ଦ କହିଛନ୍ତି, ରାଜ୍ୟପାଳଙ୍କ ପରାମର୍ଶ କ୍ରମେ ଆଜି ପ୍ରଥମଥର ପାଇଁ ଏଭଳି ବ୍ୟବସ୍ଥା ହୋଇଛି। ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଓ ଇନ୍ଧନ ଗାଡ଼ି ବ୍ୟବହାର ନ କରିବାକୁ କ୍ୟାମ୍ପସରେ ବିଜ୍ଞପ୍ତି ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। କେବଳ ଉତ୍କଳ ବିଦ୍ୟାଳୟ ନୁହେଁ ରାଜ୍ୟର ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟରେ ଏହି ନିୟମ ଲାଗୁ ହୋଇସାରିଛି। ସକାଳ ୯ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି କଟକଣା ପ୍ରତି ଶନିବାର ଲାଗୁ ହେବ। କୌଣସି ବ୍ୟକ୍ତି ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଭାବେ ବ୍ୟାଟେରିଚାଳିତ ଯାନ ସହ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଯାଇଥିଲା। ଯେହେତୁ କ୍ୟାମ୍ପସରେ ବ୍ୟାଙ୍କ ଓ ଅନ୍ୟ କାର୍ଯ୍ୟାଳୟ ରହିଛି, ଏଣୁ ଇନ୍ଧନ ଗାଡ଼ି ବଦଳରେ ଏହାର ବିକଳ୍ପ ବ୍ୟବସ୍ଥା କିଭଳି ଆପଣାଇ ହେବ ଆମେ ଚିନ୍ତା କରୁଛୁ।

# ଜଳୁଛି ସହର ପୋଡୁଛି ଭାଟି

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ବଲାଙ୍ଗିର ସହର ଜନଶୂନ୍ୟ ହେଉଥିବା ବେଳେ ସହରର ଚତୁଃପାର୍ଶ୍ୱରେ ଥିବା ଇଟା ଭାଟି ମାନଙ୍କରେ ଲୋକେ କାମ କରୁଥିବା ଦେଖିବାକୁ ମିଳୁଛି। ସରକାର ଲାଲ ଇଟାଭାଟି ଉପରେ ଅଙ୍କୁଶ ଲଗାଇଥିବା ବେଳେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବର୍ଷ ବର୍ଷ ଧରି ଇଟା ଭାଟି ମାଲିକ ମାନେ ସରକାରୀ ନିୟମଉଲଂଘନ କରି ଇଟା ବ୍ୟବସାୟ କରି ମାଲେମାଲ୍ ହେଉଥିବା ବେଳେ ହଜାର ହଜାର ବୃକ୍ଷ କଟି ଭାଟିରେ ପୋଡୁଛି। ଜଙ୍ଗଲ ବିଭାଗର ନିଷ୍କ୍ରିୟତା ଯୋଗୁଁ ଗ୍ରାମାଚଂଳ ମାନଙ୍କରେ ଥିବା ପ୍ରଜା ବୃକ୍ଷ ଗୁଡ଼ିକ କଟି ପଦା ହେବାକୁ ବସିଲାଣି। ଏହାସହ ଜଙ୍ଗଲ ଭିତରେ ଥିବା ଦାମୀ ବୃକ୍ଷ ଗୁଡ଼ିକ ମଧ୍ୟ ଇଟା ଭାଟିରେ ପୋଡ଼ି ପାଉଁଶ ହୋଇଯାଉଛି। ଏ ବିଷୟକୁ ନେଇ ପ୍ରମାଣ ସହ ଡିଏଫ୍‌ଓ ଙ୍କୁ ଜଣାଇବାରୁ ପ୍ରତ୍ୟୁତ୍ତରରେ କାଠ ପରିବହନ ବେଳେ କୁଆଡେ ଜଙ୍ଗଲ ବିଭାଗ କାଠ ଜବତ କରିବାର ନିୟମ ଅଛି। ବୃକ୍ଷ କଟାଯାଇ ଗୋଟିଏ ସ୍ଥାନରେ ଜମା କରି ରଖିଥିଲେ କିମ୍ବା ଇଟା ଭାଟିରେ ପୋଡ଼ିଲେ ମଧ୍ୟ ଜଙ୍ଗଲ ବିଭାଗ ସେହି କାଠକୁ ଜବତ କରି ପାରିବେ ନାହିଁ ବରଂ କିଛିଟା ପେନାଲ୍ଟି କାଟି ପାରିବେ ବୋଲି ଡିଏଫ୍‌ଓ ଦୃଢୋକ୍ତିର ସହ ଜବାବ୍ ଦେଇଥିଲେ। କଟି ଥିବା ବୃକ୍ଷ ପ୍ରଜାର ନା ଜଙ୍ଗଲର ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ନୁହେଁ। ତେବେ ଘର ଏବଂ ବିଭିନ୍ନ ସ୍ଥାନରେ ଜମା କରି ରଖାଯାଇଥିବା କାଠ ପଟା, ବହ୍ଲ ଇତ୍ୟାଦି ପରିବହନ ହେଉ ନଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀମାନେ ଘର ଘର ପଶି ସରକାରଙ୍କ କେଉଁ ନିୟମ ବଳରେ ସେ ଦ୍ରବ୍ୟକୁ ଜବତ କରିବା ସହ କେସ ରୁଜୁ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୁଏ। ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦୁର୍ବଳତାର ସୁଯୋଗ ନେଇ ଜଙ୍ଗଲ ମାଫିଆମାନେ ଜଙ୍ଗଲରେ ଥିବା ନାମୀ ଦାମୀ ବୃକ୍ଷକୁ କାଟି ନେବାରେ ସଫଳ ହେଉଛନ୍ତି। ଇଟା ଭାଟି ମାନଙ୍କରେ ଜମା ଥିବା ବୃକ୍ଷ ଗୁଡ଼ିକୁ ଯଦି ଜବତ କରାଯାଏ ତେବେ ବିନା କାଠରେ ଭାଟି ଜଳିବା ଅସମ୍ଭବ। ଜଙ୍ଗଲ ବିଭାଗର ଟିକିଏ ତତ୍ପର ଜିଲ୍ଲାରେ ଲାଲ ଇଟା ଭାଟି ରୋକିବାରେ ସଫଳ ହେବ । ଇଟା ଭାଟି ଜଳିବା ଯୋଗୁଁ ସହର ଉତପ୍ତ ହେଉଛି। ଜଙ୍ଗଲରେ ବନ୍ୟଜନ୍ତୁମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଣୁ ଅନେକ ସମୟରେ ସହରମୁହାଁ ହୋଇ ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ସହର ନିକଟ ଗ୍ରାମ ସୁର୍ଡା ଅଂଚଳରେ ଅନେକ ଲାଲ ଇଟାଭାଟି କାଠରେ ପୋଡୁଥିବା ବେଳେ ପୁଇନ୍ତଲା ତହସିଲ, ଖଣି ବିଭାଗ ଏବଂ ଜଙ୍ଗଲ ବିଭାଗର ନିଘା ନାହିଁ। ସୁର୍ଡା ଗ୍ରାମର ଜୈନେକ ଇଟା ଭାଟି ମାଲିକ ପ୍ରାୟ ୭/୮ ଟି ଇଟା ଭାଟି କରିଛନ୍ତି। ସେହି ଭାଟିରୁ ପ୍ରାୟ ୫/୬ ଲକ୍ଷ ଇଟା ବାହାରିବ ବୋଲି ଚର୍ଚ୍ଚା ହୁଏ। ବର୍ତ୍ତମାନ ଗୋଟିଏ ଟ୍ରାକ୍ଟରରେ ପ୍ରାୟ ୧୨୫୦ ଇଟାକୁ ୭୫୦୦ ଟଙ୍କାରୁ ୮୦୦୦ ଟଙ୍କା। ତେବେ ଏହି ଇଟା ବ୍ୟବସାୟୀ ତାଙ୍କର ସମସ୍ତ ଖର୍ଚ୍ଚ କାଟି ଗୋଟିଏ ସିଜନ୍ ରେ କେତେ ଟଙ୍କା ଲାଭ କରୁଛନ୍ତି ତଦନ୍ତ ସାପେକ୍ଷ। ତାଙ୍କ ଇଟା ଭାଟିରେ କାଠ ଗଣ୍ଡୀ ଗୁଡ଼ିକ ଲଗାଇ ଭାଟି ତିଆରି କରୁଥିବା ବେଳର ଦୃଶ୍ୟ ଡିଏଫଓଙ୍କ ପାଖକୁ ପଠାଯାଇଥିଲା। ଡିଏଫଓ କ'ଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା।

# ନିତ୍ୟ ଜୀବନରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ



**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ଶ୍ରୀ ବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ଚର୍ତୁବିଂଶତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ଡେରାବିଶ ବିଡିଓ ନମିତା ବାରିକ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟିତ କରିବାପରେ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଆସୁଥିବା ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ଓଡିଶୀ ନୃତ୍ୟ, ଓଡିଶୀ ସଂଗୀତ୍, ଚିତ୍ରକଳା, ତବଲା ବାଦନରେ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅଧ୍ୟାପକ ମୋହନ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ସଭାରେ ଭଦ୍ରକ ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ତବଲା ବାଦକ ଗୁରୁ ପଣ୍ଡିତ ଗୋପୀନାଥ ବେହେରା ମୁଖ୍ୟ ବକ୍ତା, ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡିଶୀ ନୃତ୍ୟଗୁରୁ ବିଜୟ କୁମାର ଦାସ, ଓଡିଶୀ ସଂଗୀତ ଗୁରୁ ରବିନ୍ଦ୍ର ନାଥ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଉର୍ତ୍ତୀର୍ଣ୍ଣ ହୋଇଥିବା ଛାତ୍ର/ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଅଜୟ ସାମଲ ମଞ୍ଚ ସଞ୍ଚାଳନ କରିଥିବାବେଳେ ଅଧକ୍ଷ ସମୀର ରଞ୍ଜନ ଦାସ ସ୍ୱାଗତ ଭାଷଣ, ସଂପାଦକ ମହେନ୍ଦ୍ର ପଟ୍ଟନାୟକ ବିବରଣୀ ପାଠ, ଶୈଳଜା ଶଙ୍କର ସାମଲ, ହିମାଂଶୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଦିକନ୍ଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାଶେଷରେ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବିଜେପି କର୍ମୀଙ୍କ ପ୍ରଶିକ୍ଷଣ

**ବାରିପଦା: ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ଜନତା ପାର୍ଟି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲାର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର ଶନିବାର ସନ୍ଧ୍ୟାରେ ଏଠାରେ ଉଦଯାପିତ ହୋଇଯାଇଛି। 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬' ନାମରେ ନାମିତ ଏହି କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋହାନ୍ତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ 'ଶ୍ରୀରାମ ପ୍ୟାଲେସ୍'ରେ ଉଦ୍ଘାଟିତ ହୋଇ ଦୁଇ ଦିନ ଧରି ଚାଲିଥିବା ଜଣାଯାଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦଳୀୟ ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦ୍ଘାଟନ କରିଥିବା ବେଳେ ଏହି ଉଦ୍ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଞ୍ଜିନିଅର ବିଶ୍ୱେଶ୍ୱର ଟୁଡୁ, ଉଦଳା ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଜିଲ୍ଲା ବର୍ଗ ପ୍ରଭାରୀ ଠାକୁର ରଣଜିତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଶନିବାର ଦିନ ବର୍ଗ(ଶିବିର)ର ଦ୍ୱିତୀୟ ଦିବସରେ ଏମାନଙ୍କ ସାଙ୍ଗକୁ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସଂଗଠନ ପ୍ରଭାରୀ ସିପ୍ରା ବାଜପେୟୀ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ବର୍ଗ ସହ-ପ୍ରଭାରୀ ନବୀନ ରାମ ପ୍ରମୁଖ ମଧ୍ୟ ଯୋଗ ଦେଇଥିବା ବେଳେ ବିଜେପି ରାଷ୍ଟ୍ରୀୟ ନେତା ଦୀନେଶାନନ୍ଦ ଗୋସ୍ୱାମୀ ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଯାପନୀ ଅଭିଭାଷଣ ଦେଇଥିଲେ। ଏମାନଙ୍କ ବ୍ୟତୀତ ବର୍ଗରେ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେବାକୁ ରାଜ୍ୟରୁ ସର୍ବଶ୍ରୀ ବାସୁଦେବ ବାରିକ, କିଶୋର ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ସାହୁ, ଜ୍ୟୋତିରଞ୍ଜନ ନାୟକ ଓ ସୁଶ୍ରୀ ସୁଜାତା ପାଢ଼ୀ ପ୍ରମୁଖ ଏଠାକୁ ଆସିଥିବା ସୂଚନା ମିଳିଛି। ବର୍ଗରେ ଜିଲ୍ଲାର ପ୍ରାୟ ଦୁଇ ଶହ ପ୍ରମୁଖ କାର୍ଯ୍ୟକର୍ତ୍ତା ଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିବା ଏବଂ ଶିବିର ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି।

# ଓଜେୟୁ ଜିଲ୍ଲା ସଭାପତିଙ୍କ ସ୍ମୃତିଚାରଣ



**ରମ୍ଭା ନ୍ୟୁଜ୍ ବ୍ୟୁରୋ**

ଓଡିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା ସଭାପତି ସ୍ୱର୍ଗତ ରବିନ୍ଦ୍ର ପଟନାୟକଙ୍କ ଦ୍ୱାଦଶ ଦିବସରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛ।। ଗଞ୍ଜାମ ଜିଲ୍ଲାର କଙ୍କରଡା ଗ୍ରାମରେ ଆୟୋଜିତ ସଭାରେ ଓଜେୟୁ ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ ଯୋଗଦେଇ ସ୍ୱର୍ଗତ ଜିଲ୍ଲା ସଭାପତିଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ସାମ୍ବାଦିକ ମାନଙ୍କ ସାମୂହିକ ବିକାଶ ପାଇଁ ସେ କରିଯାଇଥିବା ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ଓଜେୟୁ ରାଜ୍ୟ କୋଷାଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ, ରାଜ୍ୟ ସବ କମିଟି ମହିଳା ଆବାହିକା ତଥା ଜାତୀୟ ଆଶା ଇକବାଲ ପୁରସ୍କାର ପ୍ରାପ୍ତ ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସାଧାରଣ ସମ୍ପାଦକ ଶିବ ପ୍ରସାଦ ସାହୁ, ସରୋଜ ପଟନାୟକ, ସତ୍ୟ ନାରାୟଣ ପାଢ଼ୀ , ସୂର୍ଯ୍ୟନାରାୟଣ ପାଣିଗ୍ରାହି ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତି ଚାରଣ କରିଥିଲେ ସେହିପରି ଗତ ୨୨ ତାରିଖରେ ଭୁବନେଶ୍ୱର ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ସ୍ୱର୍ଗତ ଜିଲ୍ଲା ସଭାପତି ଙ୍କ ଉଦେଶ୍ୟ ରେ ରାଜ୍ୟ ସଭାପତି ଶ୍ରୀ ପ୍ରହରାଜଙ୍କ ପୌରହିତ୍ୟ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ରାଜ୍ୟ ଉପସଭାପତି ଦୀପକ କୁମାର ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, କୋଷାଧ୍ୟକ୍ଷ ଅରୁଣ ଷଡଙ୍ଗୀ,ଡଃ ରମଣୀ ରଞ୍ଜନ ଦାଶ, ସୁଶାନ୍ତ ମହାପାତ୍ର, ରାଜ କିଶୋର ତ୍ରିପାଠୀ ପ୍ରମୁଖଙ୍କ ସମେତ ରାଜ୍ୟର ୨୨ ଟି ଜିଲ୍ଲାର ରାଜ୍ୟ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ରହି ନିରବ ପ୍ରାଥନା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ

# ସମ୍ପତ୍ତି ବିବାଦକୁ ନେଇ ଭାଇର ସଶସ୍ତ୍ର ଆକ୍ରମଣରେ ଭଉଣୀ ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲାର ତିହିଡି ଥାନା ଅଂଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବ୍ୟବସ୍ଥା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଜମି ବାଡ଼ି ବିବାଦ ଭଳି ସେନ୍ସିଟିଭ୍ ଘଟଣାରେ ଥାନାରେ ଦୁଇ ଦୁଇଥର ଲିଖିତ ଅଭିଯୋଗ ହେବା ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଠୋସ କାର୍ଯ୍ୟନୁଷ୍ଠାନ ନ ହେବାକୁ ନେଇ ପୀଡ଼ିତ ପରିବାର ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ତିହିଡି ଥାନା ଅଧୀନ ମାଟିଆସାହି ଗ୍ରାମରେ। ସୂଚନା ଅନୁଯାୟୀ, ଗ୍ରାମର ପରମେଶ୍ୱର ମାଝୀ ଏବଂ ତାଙ୍କ ଭଉଣୀଙ୍କ ଅଭିଯୋଗ ଯେ, ତାଙ୍କର ମଝିଆଁ ଭାଇ ଲକ୍ଷ୍ମୀଧର ମାଝୀ ଏବଂ ସପରିବାର ମିଶି ଚାଲାକିରେ ତାଙ୍କ ପୈତୃକ ସମ୍ପତି ଓ ଘର ଜମିକୁ ଦଖଲ କରି ରଖିଛନ୍ତି । ଏ ମିତିକି ୪ଭଉଣୀ ଙ୍କୁ କାଗଜ ପତ୍ରରେ ବେଦଖଲ କରିଥିବା ଦେଖିବାକୁ ମିଳିଛି,ଏହି ଘଟଣାକୁ ନେଇ ତିନି ଭଉଣୀ ଘଟଣା ସ୍ଥଳରେ ପହଂଚି ପ୍ରଶ୍ନ ପଚାରି ବାରୁ ଲକ୍ଷ୍ମୀ ଧର ଏବଂ ସ ପରିବାର ଧାରୁଆ ଅସ୍ତ୍ର ରେ ଆକ୍ରମଣ କରିଥିଲେ ଫଳରେ ଭଉଣୀ ମାନେ ଏନେଇ ତିହିଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ, ସେହିପରି ସାନଭାଇ ପରମେଶ୍ୱର ଘର ଆଗରେ ମଝିଆଁ ଭାଇ ଏବଂ ତାଙ୍କ ପରିବାର ଏକ ନୂତନ ଘର କରିବା ସହିତ ପରମେଶ୍ୱର କୁ ଘର ଭିତରକୁ ଯିବାକୁ ଦେଉ ନାହାନ୍ତି, ଏନେଇ ପରମେଶ୍ୱର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି ଏହି ପରିବାର,ପୀଡ଼ିତ ପକ୍ଷ ତିହିଡି ଥାନାରେ ଦୁଇଥର ଲିଖିତ ଏଫଆଇଆର ଦାଖଲ କରିଥିବା ସତ୍ୱେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନ୍ୟାୟସଙ୍ଗତ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ପରମେଶ୍ୱର ମାଝୀଙ୍କ କହିବା ଅନୁସାରେ, ସେମାନେ ନିଜ ଅଧିକାର ପାଇଁ ପୁନଃପୁନି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ କେବଳ ତଦନ୍ତର ଆଶ୍ୱାସନ ଦେଇ ସମୟ ଗଡ଼ାଉଛି । ଏପର୍ଯ୍ୟନ୍ତ ଘଟଣା ସ୍ଥଳକୁ ଯାଇ ସଠିକ ତଦନ୍ତ କରାଯାଇନଥିବା ବେଳେ, ଅଭିଯୁକ୍ତ ପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟକରୀ ପଦକ୍ଷେପ ନ ନିଆଯାଇଥିବାରୁ ପୀଡ଼ିତ ପରିବାର ଭୟ ଓ ଅନିଶ୍ଚିତତାରେ ଦିନ କାଟୁଛନ୍ତି। ସ୍ଥାନୀୟ ଅଂଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ, ସାଧାରଣ ଲୋକ ପୋଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯଦି ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ଲୋକ ନ୍ୟାୟ ନ ପାଆନ୍ତି, ତେବେ ସାଧାରଣ ଜନତା କାହା ଉପରେ ଭରସା କରିବେ ବୋଲି ପ୍ରଶ୍ନ ଉଠୁଛି। ଗ୍ରାମବାସୀଙ୍କ ମତରେ, ଜମି ବାଡ଼ି ବିବାଦକୁ ନେଇ ଭବିଷ୍ୟତରେ ବଡ଼ ଧରଣର ଅଘଟଣ ଘଟିପାରେ । ତେଣୁ ପୋଲିସ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ ସହ ପୀଡ଼ିତ ପରିବାରକୁ ନ୍ୟାୟ ଦେବାକୁ ଦାବି ହେଉଛି । ଏହି ଘଟଣା ତିହିଡି ଥାନା ଅଂଚଳର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ପୀଡ଼ିତ ପରିବାର ଉଚ୍ଚ ଅଧିକାରୀଙ୍କ ନିକଟକୁ ଯାଇ ନ୍ୟାୟ ପାଇଁ ଦ୍ୱାରସ୍ଥ ହେବେ ବୋଲି ସୂଚନା ମିଳିଛି ।

# ସୁନାଖାଏନରେ ଝାଡ଼ାବାନ୍ତି ତାଣ୍ଡବ: ୨ ମୃତ, ୪ ଆକ୍ରାନ୍ତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ଅତାବିରା ଗ୍ରାମ ପଂଚାୟତର ସୁନାଖାଏନ ଗାଁରେ ଝାଡ଼ାବାନ୍ତି ରୋଗ ଆତଙ୍କ ସୃଷ୍ଟି କରିଛି। ଏହି ସାଂଘାତିକ ରୋଗରେ ଆକ୍ରାନ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକମାନେ ହେଲେ ଉଲ୍ଲାସ ଖଡ଼ିଆ (୪୧) ଓ ସୁକାନ୍ତି ଖଡ଼ିଆ (୬୫)। ଘଟଣା ସମ୍ପର୍କରେ ସୂଚନା ପାଇ ପଲସଦା ପିଏଚସିର ଏକ ଚିକିତ୍ସକ ଦଳ ତୁରନ୍ତ ସୁନାଖାଏନ ଗ୍ରାମରେ ପହଂଚି ଚିକିତ୍ସା ସେବା ଆରମ୍ଭ କରିଛନ୍ତି। ଗାଁରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆକ୍ରାନ୍ତମାନେ ଗତ ଗୁରୁବାର ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକର ନୁଆଁଡ଼ିହି ଗାଁକୁ ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ସେମାନଙ୍କ ମଧ୍ୟରେ ଝାଡ଼ାବାନ୍ତିର ଲକ୍ଷଣ ପ୍ରକାଶ ପାଇଥିଲା। ଆକ୍ରାନ୍ତମାନଙ୍କ ମଧ୍ୟରେ ଫକୀର ଖଡ଼ିଆ, ମଞ୍ଜରୀ ଖଡ଼ିଆ, ଏଞ୍ଜେଲିନା ଖଡ଼ିଆ ଓ ରଶ୍ମି ଖଡ଼ିଆ ଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶଶୀ ଶେଖର ସେଠଙ୍କ ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୧୨ଟା ସମୟରେ ଉଲ୍ଲାସ ଖଡ଼ିଆ ଓ ସୁକାନ୍ତି ଖଡ଼ିଆଙ୍କ ସମେତ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଲ୍ଲାସ ଖଡ଼ିଆଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ଼ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ସୁକାନ୍ତି ଖଡ଼ିଆ ରବିବାର ସକାଳ ୫ଟା ୩୦ ମିନିଟ୍ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଥିଲେ। ଡାକ୍ତର ସେଠଙ୍କ କହିବା ଅନୁଯାୟୀ, ଫକୀର ଖଡ଼ିଆଙ୍କୁ ଆଇସିୟୁରେ ରଖାଯାଇଥିବା ବେଳେ ରଶ୍ମି ଖଡ଼ିଆ (୧୨) ଶିଶୁ ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ରହିଛି। ଗାଁର ପରିସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

# ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ତରଫରୁ 'ସନ ଡେ ଅନ ସାଇକେଲ' କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର :- ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ତରଫରୁ ସ୍ଥାନୀୟ ରିଜର୍ଭ ପୋଲିସ ଠାରୁ ରବିବାର ସକାଳେ ଏକ ୭୫ ତମ ଏଡିସନ 'ସନ ଡେ ଅନ ସାଇକେଲ' କାର୍ଯ୍ୟକ୍ରମ କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଶୁଭାରମ୍ଭ କରିଥିଲେ। ବ୍ୟସ୍ତ ବହୁଳ ଜୀବନରେ ଅନ୍ତତଃ ରବିବାର ଦିନ ସାଇକେଲ ଦ୍ୱାରା ନିଜକୁ ସ୍ୱାସ୍ଥ୍ୟବାନ ଓ ସାଇକେଲ ପ୍ରତି ରୁଚି ବଢାଇବା, ପରିବେଶ ସୁରକ୍ଷା , ପ୍ରଦୂଷଣ ମୁକ୍ତ, ସ୍ୱାସ୍ଥ୍ୟ ସଚେତନତା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କୁ ପୋଲିସ ହାତକୁ ନେଇଛି ବୋଲି ଆରକ୍ଷୀ ଅଧିକ୍ଷକ ମତ ପ୍ରକାଶ କରିଥିଲେ। ଜିଲ୍ଲା ପୋଲିସ କାର୍ଯ୍ୟାଳୟ ର ଅତିରିକ୍ତ ଏସ ପି ପ୍ରତାପ ଚନ୍ଦ୍ର ରଣା, ଡି ଏସ ପି ରେଣୁକା ସୁନା ଙ୍କ ସମେତ ସମସ୍ତ ଉପରିସ୍ଥ କର୍ମଚାରୀ,କିରାଣୀ, କନେଷ୍ଟବଳ ପୋଲିସ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରିଜର୍ଭ ପୋଲିସ ରୁ ସାଇକେଲ ରାଲି ବାହାରି ପ୍ରଥମେ କୁଞ୍ଜ ଛକ, ପରେ ରିଙ୍ଗ ରୋଡ଼ ,ସୁରେଶ୍ୱରୀ ମନ୍ଦିର, ଛକ ଦେଇ ପାଞ୍ଚ କିଲୋମିଟର ଯାତ୍ରା କରି ଜିଲ୍ଲା ପୋଲିସ ମୁଖ୍ୟାଳୟ ରେ ଏହା ସମାପ୍ତି ହୋଇଥିଲା।

# ବିଦ୍ୟୁତ କାଟ୍‌ରେ ଡହଳ ବିକଳ ବଲାଙ୍ଗୀରବାସୀ : ଜନତାଙ୍କ ଅଭିଯୋଗ ଶୁଣୁନାହାନ୍ତି ବିଧାୟକ ଓ ମନ୍ତ୍ରୀ-ନରସିଂହ

**ବଲାଙ୍ଗିର ନ୍ୟୁଜ୍ ବ୍ୟୁରୋ**

୨୦୧୪ ରୁ ୨୦୨୩ ପର୍ଯ୍ୟନ୍ତ ବଲାଙ୍ଗିର ବାସୀଙ୍କ ପାଇଁ ପିଇବା ପାଣି ଓ ଲୋ ଭୋଲଟେଜ୍ ଓ ବିଦ୍ୟୁତ କାଟ ସମସ୍ୟାକୁ ପ୍ରାୟତଃ ସମାଧାନ କରାଯାଇଥିଲା । ସମସ୍ତ ଟ୍ରାନ୍ସଫର୍ମରକୁ ଅପଗ୍ରେଡେସନ କରାଯାଇଥିଲା । ପ୍ରତ୍ୟେକ ୱାର୍ଡରେ ପିଇବା ପାଣି ପାଇପ ହେଉ କି ଟେଙ୍କର ଯୋଗେ ପହଂଚା ଯାଇଥିଲା କିନ୍ତୁ ଆଜି କ'ଣ ପାଇଁ କେବଳ ସହର ନୁହେଁ ଗାଁ ଗାଁ ରେ ମଧ୍ୟ ପିଇବା ପାଣି, ବିଜୁଳିକୁ ନେଇ ଲୋକେ ଡହଳବିକଳ ହେଉଛନ୍ତି । ବଲାଙ୍ଗିରବାସୀ ବିଶ୍ୱାସ କରି ଭୋଟ ଦେଲେ ବର୍ତମାନ ସେମାନେ ବିଧାୟକ, ମନ୍ତ୍ରୀ ହୋଇ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ପଛଘୁଂଚା ଦେଉଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମରେ ଲୋକେ ବିଜୁଳି କାଟ, ପାଣି ପାଇଁ ଘୋର ଦୁର୍ଦ୍ଦଶାରେ ଥିବାବେଳେ ଏହି ଜନପ୍ରତିନିଧିମାନେ କିନ୍ତୁ ବଲାଙ୍ଗିରବାସୀଙ୍କ ଅଭିଯୋଗ ଶୁଣିବାକୁ ମଧ୍ୟ ସମୟ ନ ଦେଇ ରାଜଧାନୀ ଭୁବନେଶ୍ୱର କିମ୍ବା ରାଜ୍ୟ ବାହାରେ ଅୟସ କରୁଛନ୍ତି ବୋଲି ଆଜି ସ୍ଥାନୀୟ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଅତି କ୍ଷୋଭର ସହ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ବନ୍ଧକଟାର ଉନ୍ନତି ପାଇଁ ନଗର କଂଗ୍ରେସ ତରଫରୁ ବାରମ୍ବାର ଆନ୍ଦୋଳନ କରାଯାଇଥିଲା କିନ୍ତୁ ଏକ ସମୟରେ ଉନ୍ନତିକରଣ ନାଁ ରେ ସମସ୍ତ ବନ୍ଧକଟାର ପାଣି ସୁଖେଇ ଦେବାରୁ ବର୍ତମାନ ସହରର ଭୂତଳ ଜଳସ୍ତର ବହୁତ ନିମ୍ନକୁ ଚାଲିଯାଇଛି। ଗାଁ ଗଣ୍ଡାରୁ ଆସୁଥିବା ଲୋକେ ସହରରେ ପିଇବା ପାଣି ପାଇବାର ଦୂରର କଥା ଶୌଚ କି ଗାଧୋଇବା ପାଣି ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି । ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ଦୁର୍ନିତିରେ ପୌର ପରିଷଦ ସମ୍ପୂର୍ଣ୍ଣ ବୁଡି ରହିଛି। ଅଣ କୁଶଳି ୧୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ନାମରେ ଜଣେ ମାତ୍ର ଠିକାଦାର କାମ କରି ବହୁ କୋଟି ଟଙ୍କାର ଦୁର୍ନିତି କରି ଐତିହ୍ୟ ସମ୍ପନ୍ନ ମହାରାଣୀ ସାଗରର ସୁନ୍ଦରତାକୁ ସମ୍ପୁର୍ଣ୍ଣ ଧ୍ୱଂସ କରିଦେଇଛନ୍ତି । ପୁଣି ବର୍ତ୍ତମାନ ସହରର ସବୁ ବନ୍ଧକଟାର ମାଟି ଉତୋଳନ କାମ ଏତେ ଧିମାରେ ଚାଲିଛି ଯେ ଏଥିରେ ମଧ୍ୟ ଯଦି ଗୋଟିଏ ଦୁଇଟା ବର୍ଷା ହୋଇଯାଏ ତେବେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ ଦେଖାଇ ସମ୍ପୁର୍ଣ୍ଣ ଅନୁଦାନ ରାଶିକୁ ଆତ୍ମସାତ କରିଦେବେ । ତେଣୁ ପ୍ରଶାସନ ଏବଂ ସରକାରଙ୍କୁ ଆମର ଅନୁରୋଧ ଏ ଦିଗରେ ଶିଘ୍ର ପଦକ୍ଷେପ ନିଅନ୍ତୁ ନଚେତ ଏହି ବନ୍ଧକଟାରେ ମଧ୍ୟ ବଡଧରଣର ଦୁର୍ନିତି ହେବ । ନିର୍ବାଚନ ଜିତିଯିବା ପରେ ବିଧାୟକ ମନ୍ତ୍ରୀମାନେ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି ତେଣୁ ସେମାନେ ମଧ୍ୟ ଦୁର୍ନିତିରେ ଲିପ୍ତ ବୋଲି ଚାଲିଆଡେ ଲୋକେ ଚର୍ଚ୍ଚା କଲେଣି । ଏମାନଙ୍କ ଦୁର୍ନିତି ଏତେ ଚରମସୀମାରେ ପହଂଚି ଯେ, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଯୋଗାଇ ଦେବାକୁ ମଧ୍ୟ ପିସି ଦାବି କରୁଛନ୍ତି । ଜିଲ୍ଲାରୁ ଶକ୍ତି ମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଥାଇ ଉଭୟ କାହିଁକି ବିଜୁଳି କାଟ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବାରେ ବିଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ । ଜିଲ୍ଲାର ପୁର୍ତ, ଗ୍ରାମ୍ୟ ଉନ୍ନୟନ ହେଉ କି ବ୍ଲକ ସବୁ ଜାଗାରେ ନେତାମାନେ ପିସି ପାଇଁ ହାଉଁ ହାଉଁ ହେଉଥିବାରୁ ବିଭିନ୍ନ ପ୍ରକଳ୍ପ କାମରେ ବଡ ଦୁର୍ନିତି ହୋଇଥିବାର ଅଭିଯୋଗ ଚାରିଆଡେ ଆସୁଛି । ସଦାଇପାଲି ଏକ କାମରେ ବଲାଙ୍ଗିର ବ୍ଲକ ପ୍ରଶାସନ କାର୍ଯ୍ୟାଦେଶ ଦେବା ସତ୍ୱେ ସେହି ନିର୍ଦ୍ଦିଷ୍ଟ ଅନୁଦାନକୁ ସମ୍ପୁର୍ଣ୍ଣ ଖାଇଯାଇଛନ୍ତି । ଆରଟିଆଇ ତଥ୍ୟ ଅନୁସାରେ, ବ୍ଲକ ରେ କାର୍ଯ୍ୟାଦେଶ ଅଛି କିନ୍ତୁ ଫାଇଲ ଚୋରି ହୋଇଯାଇଛି । ଦୁଃଖର କଥା, ବ୍ଲକ ପ୍ରଶାସନ କିନ୍ତୁ ଫାଇଲ ଚୋରି ହୋଇଛି ବୋଲି ପୋଲିସରେ କୌଣସି ଅଭିଯୋଗ କରିନାହାନ୍ତି । ଆଗାମୀ ଦିନରେ ନିଶ୍ଚିତ ଭାବରେ ଏହାକୁ ନେଇ ଆଇନର ସହାୟତା ନିଆଯିବ ବୋଲି କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ସୂଚନା ଦେଇଛନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ନେତାମାନେ ନିର୍ବାଚନ ଜିତିବାର ଦୁଇ ବର୍ଷ ବିତି ଯାଇଥିଲେ ଆପତିଜନକ ସ୍ଥାନରେ ଯଥା ଲକ୍ଷ୍ମୀଯୋର ହେଉ କି ଇନ୍ଦିରା ନଗର, ମହାରାଣୀ ସାଗର ହେଉ, ଭୂମିହୀନଙ୍କୁ ଥଇଥାନ ପାଇଁ ବିନା ମୂଲ୍ୟରେ ଜମି ଓ ଘର କାହିଁକି ଦିଆଯିବାର ବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ କରିପାରିଲେ ନାହିଁ ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ ପ୍ରଶ୍ନ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ନୂଆ ନିଯୁକ୍ତି ପାଇଥିବା ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜୟନ୍ତି ପୁଟେଲ ନାରୀ ନିର୍ଯ୍ୟାତନା ରୋକିବାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୁର୍ଣ୍ଣ ଫେଲ ହୋଇଛନ୍ତି । ଦରଦାମ ନିୟନ୍ତ୍ରଣରେ ଏହି ସରକାର ଏତେ ଫେଲ ମାରିଛି ଯେ ବର୍ତମାନ ମା ଭଉଣୀମାନେ ଘର ଚଳାଇବାରେ ଘୋର ଆର୍ଥିକ ଅନାଟନର ସମ୍ମୁଖିନ ହେଉଛନ୍ତି । ଏ ସମସ୍ୟାର ସମାଧାନ ପ୍ରତି ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆମେ ଘରକୁ ଘର ବୁଲି ସରକାର ବିରୁଦ୍ଧରେ ଯୁଦ୍ଧମ୍ ଦେହି ଡାକରା ଦେବୁ ବୋଲି କହିଥିଲେ । ମଂଚାସିନ ଥିବା ଦେଓଗାଁ ବ୍ଲକ ମହିଳା କଂଗ୍ରେସ ସଭାପତି ତଥା ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଗାଁରେ ଇନ୍ଦିରା ଆବାସ, ବାର୍ଦ୍ଧକ୍ୟ ଭତା, ସୁଭଦ୍ରା ଯୋଜନା ନାଁ ରେ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୁର୍ଣ୍ଣ ଭୁଆଁ ବୁଲାଇଛନ୍ତି ବୋଲି କହିଥିଲେ । ଏହା ବିରୁଦ୍ଧରେ ବହୁ ଶିଘ୍ର ଗାଁ ରୁ ସହର ପର୍ଯ୍ୟନ୍ତ ମା ମାନଙ୍କ ସହ ସାଧାରଣ ଜନତା ରାଜରାସ୍ତାରେ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି କହିଥିଲେ।





# ସେକ୍ସ ରାକେଟ୍ ଠାବ:୫ ଦେହଜୀବୀଙ୍କ ସହ ୧୩ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ବିଳମ୍ବିତ ରାତ୍ରୀରେ ସୋନପୁର ସହରରେ ଥିବା ଗ୍ରୀନ୍ ପାର୍କ ହୋଟେଲ୍‌ରେ ଚାଲିଥିବା ସେକ୍ସ ରାକେଟ୍‌ର ପର୍ଦ୍ଦାଫାଶ କରିଛି ସୋନପୁର ସଦର ପୋଲିସ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ। ବିଳମ୍ବିତ ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସୁବର୍ଣ୍ଣପୁରର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସୋନପୁରର ଏସ୍‌ଡିପିଓ କଲ୍ୟାଣୀ ବେହେରା ଏବଂ ସଦର ଥାନା ଅଧିକାରୀ ଆଇଆଇସି ଯାଦବ ବାଗଙ୍କ ତତ୍ତ୍ୱାବଧାନରେ ପୋଲିସର ଏକ ସ୍ପେଶାଲ୍ ଟିମ୍ ସୋନପୁର ସହରର ନୂତନ ଡାକ୍ତରଖାନା ସାମ୍ନାରେ ଥିବା ଏକ ଭଡା ଘରେ ପ୍ରଥମେ ଚଢଉ କରିଥିଲେ। ଚଢଉ ସମୟରେ ଉକ୍ତ ଭଡା ଘରେ ଜଣେ ମହିଳା ଓ କିଛି ଆପତ୍ତି ଜନକ ସାମଗ୍ରୀ ମିଳିଥିଲା। ଏହି ତଥ୍ୟକୁ ଆଧାର କରି ଉକ୍ତ ମହିଳା ଓ ସେହି ଘର ମାଲିକଙ୍କୁ ପଚରା ଉଚୁରା କରିବା ସମୟରେ ଜିଲ୍ଲା ହସ୍ପିଟାଲ ନିକଟସ୍ଥ ହୋଟେଲ ଗ୍ରୀନ୍ ପାର୍କରେ କିଛି ମହିଳାମାନଙ୍କୁ ନେଇ ଅନୈତିକ କାର୍ଯ୍ୟ କଳାପ ଚାଲୁଥିବା ସୂଚନା ମିଳିଥିଲା। ଉକ୍ତ ଟିମ୍ ତୁରନ୍ତ ହୋଟେଲ୍ ଗ୍ରୀନ୍ ପାର୍କରେ ଚଢଉ କରିଥିଲା ସମୟରେ ଉକ୍ତ ହୋଟେଲ୍‌ର ୫ଟି କୋଠରୀରେ ୫ଜଣ ପୁରୁଷ ଏବଂ ୫ ଜଣ ମହିଳା ଆପତ୍ତିଜନକ ଅବସ୍ଥାରେ ମିଳିଥିଲେ। ପଚରାଉଚରା ସମୟରେ ସେମାନଙ୍କୁ ରହଣିର କାରଣ ଓ ବୈଧ ପ୍ରମାଣ ପତ୍ର ଦେଇପାରିନଥିଲେ। ପରେ ସନ୍ଦିଗ୍ଧ ବ୍ୟକ୍ତିମାନେ ଏହି ଅନୈତିକ କାର୍ଯ୍ୟରେ ଲିପ୍ତ ହେବାରେ ଦୋଷ ସ୍ୱୀକାର କରିଥିଲେ। ପରେ ପୋଲିସ ୫ ଜଣ ଗ୍ରାହକ, ଗ୍ରୀନ୍ ପାର୍କ ହୋଟେଲ୍‌ର ପରିଚାଳକ ଏବଂ ଜିଲ୍ଲା ହସ୍ପିଟାଲ୍ ସମ୍ମୁଖରେ ଥିବା ଭଡା ଘରର ପରିଚାଳକ ମୋଟ୍ ୭ ଜଣଙ୍କୁ ଅଟକ ରଖାଯାଇଥିଲା ଏବଂ ୫ ଜଣ ପୀଡ଼ିତା ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ଏନେଇ ସୋନପୁର ଥାନା କେସ୍ ନଂ ୧୯୫/ ୨୪.୦୫.୨୦୨୬ ଧାରା ୩/୪/୫/୬/୭ ଅନୈତିକ ଟ୍ରାଫିକ୍ (ନିବାରଣ) ଆଇନ୍ ୧୯୫୬ ଅନୁଯାୟୀ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୋନପୁର ସହରର ଗଡଭିତରର ଆଶୁତୋଶ ପୂଜାରୀ (୫୦), ଅନୁଗୁଳ ଜିଲ୍ଲା ଠାକୁରଗଡ ଥାନା ତାପଡୋଲ ଗ୍ରାମର ଅଜିତ କୁମାର ସାହୁ (୩୪), ସୋନପୁର ଜିଲ୍ଲା ବୀରମହାରାଜପୁର ଥାନା କମଲପୁର ଗ୍ରାମର ମହେନ୍ଦ୍ର ମେହେର (୨୯), ଉଲୁଣ୍ଡା ଥାନା ଗୌଡ ଗାଁ ର ପ୍ରାଣ କିଶୋର ବାଗ (୨୫) ସୁବଳୟା ଥାନା ବଡଖମାର ଗାଁର ସତ୍ୟଞ୍ଜୟ ନାଏକ (୨୯), ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଟୁଟାମୁଣ୍ଡା ଗାଁର ଗୋପାଳ ଭୋଇ (୩୫) ଓ ସୋମିତ୍ରି ମଲ୍ଲିକ (୪୦)। ଏବଂ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଯୁବତୀ ତଥା ମହିଳାମାନେ ସମସ୍ତେ ବାହାର ଜିଲ୍ଲାର ହୋଇଥିବାବେଳେ କେବଳ ଜଣେ ତରଭା ଥାନା ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ସମସ୍ତ ୭ ଜଣଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟକୁ ଚାଲାଣ କରାଯାଇଥିବା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ଏହି କେସର ପୀଡ଼ିତାଙ୍କୁ ସେମାନଙ୍କ ଅଭିଭାବକ ଏବଂ ନାରୀ ସୁରକ୍ଷା କେନ୍ଦ୍ରରେ ରଖାଯାଇଥିବା ସୂଚନା ମିଳିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକଙ୍କ ସହ ଉପଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଓ ଆଇଆଇସି ଯାଦବ ବାଗ ଉପସ୍ଥିତ ଥିଲେ।

## ଧାମନଗରରେ ସଶସ୍ତ୍ର ଡକାୟତି ଘଟଣା

# ୨ ଗିରଫ:ମାଷ୍ଟର ମାଇଣ୍ଡ ସହ ୩ ଫେରାର୍, ବାଇକ୍ ଓ ମାରଣାସ୍ତ୍ର ଜବତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ସହର ସାନବଜାର ଅଞ୍ଚଳରେ ଜଣେ ସୁନା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନା ଓ ରୂପା ଗହଣା ଲୁଟ୍ ଘଟଣାରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଏହି ସଂଗଠିତ ସଶସ୍ତ୍ର ଡକାୟତି ମାମଲାରେ ପୋଲିସ ୨ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରି ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଛି। ଏଥିସହ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦାଖଲ ହେବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ଜାମିନ୍ ନାମଞ୍ଜୁର କରି ସେମାନଙ୍କୁ ଅନ୍ତରୀଣ ଜେଲ୍ ହାଜତକୁ ପଠାଇବା ପାଇଁ ପୋଲିସ କୋର୍ଟରେ ଲିଖିତ ପ୍ରାର୍ଥନା କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ଜଗନ୍ନାଥ ରାଓଙ୍କ ପୁଅ କୁଶ ରାଓ ଓରଫ୍ ଆନାମ (୨୮) ଏବଂ ସେହି ଗ୍ରାମର ସଙ୍କର୍ଷଣ ରାଓଙ୍କ ପୁଅ ଦାନବୀର ରାଓ (୨୫)। ବିଏନ୍‌ଏସ୍‌ର ଧାରା ୩୧୦(୨) ଅନୁଯାୟୀ ସେମାନଙ୍କୁ ଗତ ୨୪.୦୫.୨୦୨୬ ତାରିଖ ଅପରାହ୍ନ ୩.୩୦ ମିନିଟ୍‌ରେ ଗିରଫ କରାଯାଇଥିଲା। ଅର୍ଥାତ୍ ୨୫.୦୫.୨୦୨୬ ତାରିଖରେ ସେମାନଙ୍କୁ ଉପଯୁକ୍ତ ପୋଲିସ ଏସ୍କର୍ଟ ଓ ସମ୍ପୃକ୍ତ ଦସ୍ତାବେଜ ସହ କୋର୍ଟଙ୍କ ସମ୍ମୁଖକୁ ପଠାଯାଇଛି। ପୋଲିସ ତଦନ୍ତରୁ ଏହି ସଶସ୍ତ୍ର ଲୁଟ୍‌ର ଏକ ଚାଞ୍ଚଲ୍ୟକର ଅପରାଧ ଷଡ଼ଯନ୍ତ୍ର ପଦାକୁ ଆସିଛି। ଧୂଷୁରୀ ଥାନା ଅନ୍ତର୍ଗତ ସୟଦଜାଫର (ଗୁଡ଼ିପୋଖରୀ) ଗ୍ରାମର କାବୁଲା ସାହାଙ୍କ ପୁଅ କାସିମୁଦ୍ଦିନ ସାହା (୪୮) ସାନବଜାର ଠାରେ 'କାଦିର ଜୁଏଲାରୀ' ନାମକ ଏକ ଗହଣା ଦୋକାନ କରିଛନ୍ତି। ଧାମନଗର ଥାନା ଅନ୍ତର୍ଗତ ମୁସ୍ତଫାପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ରାଜେଶ ଦାସ ନାମକ ଜଣେ ସ୍ଥାନୀୟ ଯୁବକ ପ୍ରତିଦିନ କାସିମୁଦ୍ଦିନଙ୍କ ଗତିବିଧି, ବ୍ୟବସାୟ ଓ ରାତିରେ ଦୋକାନ ବନ୍ଦ କରି ସ୍କୁଟିରେ ଫେରିବା ସମୟ ଉପରେ ତୀକ୍ଷ୍ଣ ନଜର ରଖୁଥିଲା। ରାଜେଶ ହିଁ ବ୍ୟବସାୟୀଙ୍କୁ ଲୁଟିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲା ଏବଂ ଏଥିପାଇଁ ସେ ଯାଜପୁରର କୁଶ ରାଓ, ଦାନବୀର ରାଓ ଏବଂ ଅନ୍ୟ ଦୁଇ ସହଯୋଗୀ ଓମ୍ ପ୍ରଧାନ ଓ ଅନ୍ତେଶ ପ୍ରଧାନଙ୍କ ସହ ମିଶି ଏକ ବଡ଼ ଅପରାଧିକ ଷଡ଼ଯନ୍ତ୍ର ରଚିଥିଲା। ଗତ ମେ' ୧୮ ତାରିଖରେ ଏହି ୫ ଜଣ ଯାକ ସଶସ୍ତ୍ର ଅଭିଯୁକ୍ତ ବ୍ୟବସାୟୀଙ୍କ ଉପରେ ନଜର ରଖିବା ପାଇଁ ଦୁଇଟି ମୋଟର ସାଇକେଲ ଗୋଟିଏ କଳା ରଙ୍ଗର ପଲସରଏବଂ ଅନ୍ୟଟି ବିନା ନମ୍ବର ବିଶିଷ୍ଟ ଆପାଚି ବାଇକ୍‌ରେ ସାନବଜାର ଅଞ୍ଚଳରେ ବୁଲୁଥିଲେ। ରାତି ପ୍ରାୟ ୯.୩୦ ସମୟରେ କାସିମୁଦ୍ଦିନ ନିଜ ଦୋକାନ ବନ୍ଦ କରି କିଛି ସୁନା ଓ ରୂପା ଗହଣା ଧରି ନିଜ ସ୍କୁଟିରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟା ବେଳେ ବନ୍ଧଟିଆ-ଝଟିଆ ସାହି ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତମାନେ ପଛପଟୁ ବାଇକ୍‌ରେ ଆସି ବ୍ୟବସାୟୀଙ୍କ ରାସ୍ତା ଓଗାଳିଥିଲେ। କିଛି ବୁଝିବା ପୂର୍ବରୁ ସେମାନେ କାସିମୁଦ୍ଦିନଙ୍କୁ କଟୁରୀ (ଧାରୁଆ ମାରଣାସ୍ତ୍ର)ରେ ଆକ୍ରମଣ କରି ରକ୍ତାକ୍ତ କରିବା ସହ ତାଙ୍କଠାରୁ ୨ଟି ସୁନା ଚେନ୍ ଏବଂ ୭୦୦ ଗ୍ରାମ ରୂପା ଗହଣା ଛଡ଼ାଇ ନେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ଗତ ୧୯.୦୫.୨୦୨୬ ତାରିଖ ପୂର୍ବାହ୍ନ ୧୧.୪୦ ମିନିଟ୍‌ରେ ଆହତ ବ୍ୟବସାୟୀ କାସିମୁଦ୍ଦିନ ଧାମନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ବେଳେ ଘଟଣାସ୍ଥଳର ମୋବାଇଲ୍ 'ଡମ୍ ଡାଟା' ସଂଗ୍ରହ ପାଇଁ ଭଦ୍ରକ ସାଇବର ସେଲ୍‌ର ସହାୟତା ନିଆଯାଇଥିଲା। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ 'ଦୋବଲ କାଉଣ୍ଟର' ନିକଟରୁ କଳା ରଙ୍ଗର ପଲ୍‌ସର୍ ବାଇକ୍ ସହ କୁଶ ରାଓ ଏବଂ ଦାନବୀର ରାଓଙ୍କୁ କାବୁ କରିଥିଲା। ଜେରା ସମୟରେ ଦୁହେଁ ନିଜର ଅପରାଧ ସ୍ୱୀକାର କରିବା ସହ ଫେରାର୍ ଥିବା ତିନି ସହଯୋଗୀ ରାଜେଶ ଦାସ, ଓମ୍ ପ୍ରଧାନ ଏବଂ ଅନ୍ତେଶ ପ୍ରଧାନଙ୍କ ନାମ ପ୍ରକାଶ କରିଥିଲେ। ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୨୩(୨) ଅନୁଯାୟୀ ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତ କୁଶ ରାଓର ସ୍ୱୀକାରୋକ୍ତି ଆଧାରରେ ତାଙ୍କ ଘର ଭିତରୁ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ଏହି ସଶସ୍ତ୍ର ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ, ଫେରାର୍ ଥିବା ମାଷ୍ଟରମାଇଣ୍ଡ ରାଜେଶ ଦାସ, ଓମ୍ ପ୍ରଧାନ ଏବଂ ଅନ୍ତେଶ ପ୍ରଧାନଙ୍କୁ ଅତିଶୀଘ୍ର ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଜୋର୍‌ଦାର୍ ଚଢ଼ଉ ଜାରି ରଖିଥିବା ନେଇ ଥାନା ସୂତ୍ରରୁ ପ୍ରକାଶ।

## ////////////////////// ବୃଦ୍ଧଙ୍କ ଶବ ସତ୍କାର କଲେ ସମାଜସେବୀ ଓ ସାମ୍ବାଦିକ //////////////////////

# ପ୍ରେମ ବିବାହର ଅଭାବନୀୟ ଘଟଣା:ମୃତ୍ୟୁ ବେଳକୁ ଜାତି ଭାଇ କି ଗ୍ରାମବାସୀ କାନ୍ଧ ଦେଲେନି

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଗଙ୍ଗାସାଗର ପଞ୍ଚାୟତ ଅନ୍ତର୍ଗତ ବେହେରାବନ୍ଧ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଣିଷ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରେ ବସତି ସ୍ଥାପନ ପାଇଁ ଯୋଜନା କରୁଥିବାବେଳେ ଆଧୁନିକ ଯୁଗରେ ମଧ୍ୟ କୁ-ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଜୀବିତ ଅଛି। କୁ-ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଆଗରେ ଉଚ୍ଚ ଶିକ୍ଷା, ଶିକ୍ଷିତ ସମାଜ ଆଜି ବି ମୁଣ୍ଡ ନୁଆଁଇଛି। ଅନ୍ୟ ଜାତିରେ ବିବାହ କରିବା କଣ ଭୁଲ୍ ? ଅନ୍ୟ ଜାତିରେ ବିବାହ କରିବା କଣ ପାପ ? ମଣିଷକୁ କଣ ଏଇଥି ପାଇଁ ଶ୍ରେଷ୍ଠ ଜୀବ କୁହାଯାଏ ? ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଞ୍ଚାୟତର ବେହେରାବନ୍ଧ ଗ୍ରାମରେ। ଗ୍ରାମର ୭୫ ବର୍ଷୀୟ ବୃଦ୍ଧ ପୁଟୁ ମଲ୍ଲିକଙ୍କ ଗତ ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ତାଙ୍କର ସ୍ତ୍ରୀ ଅନ୍ୟ ଜାତିର ଏବଂ ବିଗତ ଦୁଇ ବର୍ଷ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି। ବର୍ତ୍ତମାନ ତାଙ୍କର ପୁଅ କେହି ନାହାନ୍ତି, କେବଳ ଝିଅଟିଏ ସେ ମଧ୍ୟ ବାହା ହୋଇସାରିଛନ୍ତି। ମୃତ୍ୟୁ ସମୟରେ ତାଙ୍କର ଶବକୁ ଚାରି କାନ୍ଧ ଦେବାକୁ, ଶବ ସତ୍କାର କରିବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁ ଲୋକ ମଧ୍ୟ କେହି ବାହାରିଲେ ନାହିଁ। ସମସ୍ତଙ୍କୁ କେବଳ ଜାତି ବାସନ୍ଦ ଭୟ, ଆମେ ଶବ ସତ୍କାର କିମ୍ବା ଶବ ସତ୍କାର କାର୍ଯ୍ୟରେ ସହଯୋଗ କଲେ କାଳେ ଆମକୁ ମଧ୍ୟ ଜାତିରୁ ବାସନ୍ଦ କରିଦେବେ ସେହି ଭୟରେ କେହି ପାଖକୁ ମଧ୍ୟ ଆସିଲେ ନାହିଁ। ପ୍ରାୟ ଦୁଇ ଘଣ୍ଟା ସମୟ ଧରି ନିଜ ଘରେ ଶବ ପଡ଼ି ରହିଲା। ଶବ ସତ୍କାର କରିବା ପାଇଁ ସମାଜସେବୀ ତଥା ଆଦିବାସୀ ନେତା ଗିରିରାଜ ଭୋଇଙ୍କୁ ରାତ୍ରୀ ପ୍ରାୟ ଆଠ ଘଣ୍ଟା ସମୟରେ ଫୋନ୍ କରି ଘଟଣା ବିଷୟରେ ଅବଗତ କରେଇଲେ। ଖବରପାଇ ଗିରିରାଜ ଭୋଇଙ୍କ ସହିତ ସମାଜସେବୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ପୁରୋହିତ, ସାମ୍ବାଦିକ ଅଭିମନ୍ୟୁ ବାଗ ମୃତ୍ୟୁସ୍ଥଳକୁ ପହଞ୍ଚିଥିଲେ। ପ୍ରଥମେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଶବ ସତ୍କାର କରିବାକୁ ଅନୁରୋଧ କରିଥିଲେ ସମାଜସେବୀ ମାନେ। ସାମାଜିକ ବାସନ୍ଦ ଭୟରେ ହଁ କହିବା ତ ଦୂରର କଥା ଘରୁ ବାହାରକୁ ମଧ୍ୟ କେହି ବାହାରିଲେନାହିଁ। ଶବ ପଡିଥିବାରୁ ସେତେବେଳ ପର୍ଯ୍ୟନ୍ତ ଗାଁରେ ରୋଷେଇ ମଧ୍ୟ ବନ୍ଦ ଥିଲା। ଶବ ସତ୍କାର କରିବା ପାଇଁ ଶ୍ମଶାନ ଘାଟକୁ ଯିବାକୁ କହିବାରୁ ମଧ୍ୟ କେହି ବାହାରିଲେନାହିଁ। ଶେଷରେ ଚାରି ଜଣ ସମାଜସେବୀ ସସମ୍ମାନେ ଖଟରେ ବୋହି ରାତ୍ରିରେ ମୋବାଇଲ୍ ଲାଇଟ୍ ସାହାଯ୍ୟରେ ପ୍ରାୟ ଏକ କିଲୋମିଟର ଦୂର ଶ୍ମଶାନ ଘାଟ ନଦୀ ପାଖକୁ ନେଇଥିଲେ। ସେଠାରେ ସମାଧି ଦେବା ପାଇଁ ଖାଲ ଖୋଳା ଯାଇଥିଲା ଓ ଶବକୁ ସମ୍ମାନ ସହ ସମାଧି ଦିଆ ଯାଇଥିଲା। ଅନ୍ଧାରିଆ ରାତ୍ରୀ ହୋଇଥିବାରୁ ତଳେ ସାପ, ବିଛା, ବିଷାକ୍ତ କୀଟ ପତଙ୍ଗକୁ ଯେତିକି ଭୟ ଥିଲା ତାଠାରୁ ଅଧିକ ଭୟ କିଛି ଦିନ ତଳେ ଅଞ୍ଚଳକୁ ଆସିଥିବା ଦୁଇ ଟିକିଆ ହାତୀ ପଲକୁ ଆହୁରି ଭୟ ଥିଲା। ଏସବୁ ଭୟ ଥିଲେ ମଧ୍ୟ ଶବ ସମାଧି କାର୍ଯ୍ୟ ସମାପନ କରି ନିଜ ନିଜ ଘରକୁ ଫେରିଲେ ସମାଜସେବୀମାନେ। ସମାଜସେବୀଙ୍କ କହିବା ମୁତାବକ ଜୀବିତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଏକ ଘରିଆ, ସାମାଜିକ ବାସନ୍ଦ କରିବା ନିୟମ ଉଲ୍ଲଂଘନ କରୁଥିଲେ ମଧ୍ୟ ଗୋଟିଏ ଶବକୁ ବାସନ୍ଦ କରିବା ନିଶ୍ଚିତ ଭାବେ ଦୁଃଖଦ ଏବଂ ନିନ୍ଦନୀୟ। ନିଶ୍ଚିତ ଭାବେ ମାନବିକତାକୁ ପଦାରେ ପକେଇ ଦେଇଛି ଏବଂ ଏଭଳିଆ ଘଟଣାର ପୁନରାବୃତ୍ତି ନହେବାକୁ ସମସ୍ତଙ୍କୁ ଆହ୍ୱାନ୍ କରିଛନ୍ତି। ସରକାର ମଧ୍ୟ ଏପରିସ୍ଥଳେ କିଛି ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ଜନସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଜାଆଁଳା କନ୍ୟା ସନ୍ତାନ ଜନ୍ମ ଦେବାରୁ ବୋହୂ ଓ ପୁଅକୁ ଗାଁ ଦାଣ୍ଡରେ ମାଡ଼



**ସାଲେପୁର, ନ୍ୟୁଜ୍**

କନ୍ୟା ସନ୍ତାନ ଜନ୍ମ ହେବାରୁ ପୁଅ ବୋହୂଙ୍କୁ ଜୀବନରୁ ମାରିଦେବା ପାଇଁ ଗାଁ ଦାଣ୍ଡରେ ଶାଶୂ ଶଶୁର ଓ ନଣନ୍ଦଙ୍କ ଅକଥନୀୟ ନିର୍ଯାତନା ସହିତ ନିସ୍ତୁକ ମାଡ ମାରିଲେ। ସୋସିଆଲ ମିଡିଆରେ ଭିଡିଓ ଭାଇରଲ୍,ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ୍ ଶ୍ରୀ କୃଷ୍ଣପୁର ପଞ୍ଚାୟତର ପଶୁଲୁଣ୍ଡା ଗ୍ରାମରେ, ସୂଚନା ଅନୁସାରେ କାନପୁର ଗ୍ରାମର ଅଜୟ ଜେନାଙ୍କ ଝିଅ ପାର୍ବତୀ ଜେନା ୪ ବର୍ଷ ତଳେ ପଶୁଲୁଣ୍ଡା ଗ୍ରାମର ସମୁଲ୍ୟ ଜେନାଙ୍କ ପୁଅ ଚନ୍ଦ୍ରଶେଖର ଜେନାଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ଶାଶୂ ଘର ଲୋକେ ବୋହୂ ପାର୍ବତୀଙ୍କୁ ଯୌତୁକ ନିର୍ଯାତନା ଦେଇଆସୁଥିଲେ। ଗୋଟେ ମାସ ତଳେ ବୋହୂ ପାର୍ବତୀଙ୍କ ଦୁଇଟି କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। କାହିଁକି କନ୍ୟା ସନ୍ତାନ ହେଲା ବୋଲି ବିରୋଧ କରିଥିଲେ ଶାଶୂ ଶଶୁର, ପୁଅ କାହିଁକି ଜନ୍ମ କଲୁନି, ଝିଅ ଦୁଇଟାକୁ ମାରିଦେ ନହେଲେ ଆମେ ତୋତେ ଜୀବନରୁ ମାରିଦେବୁ। ଏହାପରେ ପୁଅ ଓ ବୋହୂଙ୍କୁ ଗାଁ ଦାଣ୍ଡରେ ତଳେ ପକାଇ ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ ଶାଶୂ, ଶଶୁର ଓ ନଣନ୍ଦ, ଯାହାର ଭିଡିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି। ଏହି ଘଟଣାରେ ଶାଶୂ, ଶଶୁର ଓ ନଣନ୍ଦଙ୍କ ନାମରେ ମାହାଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ପୁଅ ଓ ବୋହୂ। ପୋଲିସ ଘଟଣାର ତଦନ୍ତ କରୁଛି।

# ଗ୍ୟାସ୍ ଦୁର୍ଘଟଣା ପାଇଁ କ୍ଷତିପୂରଣ ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଗ୍ୟାସ୍ ଜନିତ ଦୁର୍ଘଟଣା ପାଇଁ ଏଚ୍‌ପିସିଏଲ୍ ତରଫରୁ ବିତରକ ସରସ୍ୱତୀ ଏଚ୍‌ପି ଗ୍ୟାସ୍, ଇନ୍ଦୁପୁରଙ୍କ ଉଦ୍ୟମରେ କ୍ଷତିପୂରଣ ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତ ଇନ୍ଦୁପୁର ଗ୍ରାମର କୁସୁମ ଦେଇ ରୋଷେଇ କରୁଥିବାବେଳେ ଗ୍ୟାସ୍ ଜନିତ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିପାଇଁ ଇନ୍ଦୁପୁର ବିତରକ ଅମୁଲ୍ୟ କୁମାର ସାମନ୍ତରାୟଙ୍କ ଉଦ୍ୟମରେ ଏଚ୍‌ପିସିଏଲ୍‌ର ବରିଷ୍ଠ ଅଧିକାରୀ ଅଜୟ କୁମାର ବେହେରା, କୁସୁମ ଦେଇଙ୍କୁ ୯୮ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ବିତରକ ଶ୍ରୀ ସାମନ୍ତରାୟଙ୍କ ଉଦ୍ୟମରେ ଅନେକ ଗ୍ୟାସ୍ ଜନିତ ଦୁର୍ଘଟଣାର ଶିକାର ହୋଇଥିବା ଦୁର୍ଘଟଣାକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି।



# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ତାତିଲେ ଲୋକେ

**ସାଲେପୁର, ନ୍ୟୁଜ୍**



ସାଲେପୁର ଟାଟା ପାୱାର ବାଲିଆ ଗ୍ରୀଡ ଅଧିନରେ ଥିବା ଜପକୁଦ ଗ୍ରୀଡ ପକ୍ଷରୁ ଲଗାତାର ଏକ ମାସ ହେବ ଅଘୋଷିତ ବିଦ୍ୟୁତ୍ କାଟ୍ ଯାହା ଦିନକୁ ତିନି ଚାରି ଘଣ୍ଟା ଧରି ହେଉଥିବା ବେଳେ ସାଧାରଣ ଲୋକମାନେ ଅତ୍ୟାଧିକ ଗରମରେ ଅତିଷ୍ଠ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଓ ଶକ୍ତି ମନ୍ତ୍ରୀ ବିଦ୍ୟୁତ୍ କାଟ୍ ନକରିବାକୁ ଘୋଷଣା କରିଛନ୍ତି। ହେଲେ ଜପକୁଦ TPCODLର ମନମାନି ଚରମ ସୀମାରେ ପହଞ୍ଚିଛି। ଅସହ୍ୟ ଗୁଳୁଗୁଳିରେ ଛୋଟ ପିଲା, ହାର୍ଟ ରୋଗୀ, କିଡ଼ନୀ ରୋଗୀ, କ୍ୟାନ୍ସର ପୀଡ଼ିତା ରୋଗୀମାନେ ଆଉଟ୍ ପାଉଟ୍ ହେଉଛନ୍ତି। ଦେଖିବାକୁ ଗଲେ ଗତ କିଛି ଦିନ ହେବ ଲଗାତାର ଖରାବେଳ ସନ୍ଧ୍ୟା ଓ ରାତିରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଛି। ଅଞ୍ଚଳର ଲୋକମାନେ ଅନେକ ଅଭିଯୋଗ ସହ ହୋହାଲ୍ଲା କରି ଆସୁଛନ୍ତି ହେଲେ ଟାଟା ପାୱାରର ବିଭାଗୀୟ ଅଧିକାରୀ ଜେଇ ଏସ୍‌ଡିଓ କର୍ଣ୍ଣପାତ କରୁନାହାଁନ୍ତି। ରାତ ପ୍ରାୟ ଏଗାରଟା ସମୟରେ ପାୱାର୍ କଟ୍ ହୋଇଥିଲା ଲୋକମାନେ ଫୋନ୍ କରିଥିଲେ ମଧ୍ୟ ଅଧିକାରୀଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ଲୋକମାନେ ଧିରେ ଧିରେ ରୁଣ୍ଡ ହୋଇଥିଲେ। ଜପକୁଦ ଟାଟା ପାୱାର କାର୍ଯ୍ୟାଳୟରେ ଥିବା ଦୁଇଜଣଙ୍କୁ ପଚରା ଉଚୁରା କରିଥିଲେ ୩୩ କେଭି ଫଲଟ୍ କହି ତାଲା ପକାଇ ଦେଇଥିଲେ। ଲାଇନ୍ ଜଦି ନଥିଲା ଟାଟା ପାୱାର ଅଫିସ ଭିତରେ କେମିତି ଏସି ଲଗେଇ ଶୋଇଛି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଆଇନ୍ ଆସିଥିଲେ ମଧ୍ୟ ଲାଇନ୍ ନଦେବା କାରଣରୁ ଲୋକମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଢେଲା ପଥର ମାଡ କରିବା ସହିତ ଛୋଟ ମୋଟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏହାପରେ ଜପକୁଦ ଫାଣ୍ଡି ଅଧିକାରୀ ଓ ସାଲେପୁର ପୋଲିସର ହସ୍ତକ୍ଷେପ ପରେ ଲୋକମାନେ ସାନ୍ତ ହୋଇଥିଲେ ଏହାପରେ ରାତି ୨ଟା ପରେ କିଛି ଅଞ୍ଚଳକୁ ଲାଇନ୍ ଦିଆଯାଇଛି। ଶକ୍ତି ମନ୍ତ୍ରୀ ମିଛ ଡିଣ୍ଡିମ ପିଟୁଥିବା ବେଳେ ସାଧାରଣ ଜନତା ଏହାର ଜବାବ ଦେବାକୁ ଅଣ୍ଟା ଭିଡିବା ଦେଖାଦେଇଛି।

# ସଡ଼କ ଦୁର୍ଘଟଣାରେ ୨ ମୃତ:୨ ଆହତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆ ପଞ୍ଚାୟତ ପାଇକରପୁର ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ କଣ୍ଟିଗଡିଆ ଗ୍ରାମର ୩ଜଣ ଶ୍ରମିକ ମଣିଆ ଦଳେଇ (୩୨), ବିଶି ଦଳେଇ (୨୦) ମକର ଦଳେଇ (୨୦) କାମସାରି ଫେରୁଥିବା ବେଳେ ତାଙ୍କ ବାଇକ୍‌କୁ ଅନ୍ୟ ଏକ ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ସମସ୍ତ ଗୁରୁତରଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ମଣିଆର ମୃତ୍ୟୁ ଘଟିଛି। ଅନ୍ୟ ୨ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁର୍ଘଟଣାଟି ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ନିକଟରେ ଘଟିଛି। ଜେନାପୁର ଗ୍ରାମର ଶଙ୍କର୍ଷଣ ଦଳାଇଙ୍କ ସାନ ପୁଅ କୁନାଲ ଦଳାଇ (୨୧)ଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ କୁନାଲ ଶନିବାର ସନ୍ଧ୍ୟାରେ ତାଙ୍କ ଭଉଣୀକୁ ଛାଡ଼ି ଜେନାପୁର ଫେରୁଥିବାବେଳେ ବିପରୀତ ଦିଗରୁ ଏକ ଅଜଣାଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।



# ଗାଁ ମାଟିରେ ସହିଦଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ଭାବପୂର୍ଣ୍ଣ ବିଦାୟ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**


ଦେଶର ବୀର ସୈନିକ ତଥା ଆଠଗଡ଼ ମାଟିର ସୁପୁତ୍ର ଜନକ କୁମାର ସ୍ୱାଇଁଙ୍କ ବୀରଗତି ପ୍ରାପ୍ତି ଖବର ଆସିବାରେ ସମଗ୍ର ଅଞ୍ଚଳକୁ ଶୋକ ସାଗରରେ ବୁଡାଇଦେଇଛି। ତାଙ୍କୁ ତାଙ୍କର ନିଜସ୍ୱ ଗ୍ରାମ ରେଗେଡାପଡା ଠାରେ ଦିଆଯାଇଛି ଭାବପୂର୍ଣ୍ଣ ବିଦାୟ। ଦେଶ ମାତୃକାର ସେବା ଓ ସୁରକ୍ଷା ପାଇଁ ଜାମ୍ମୁ-କାଶ୍ମୀ ଲଦାଖର ଲେହର କଠିନ ବରଫାବୃତ ଅଞ୍ଚଳରେ ନିଜ ଜୀବନକୁ ହାରି ଦେଇଛନ୍ତି ଏହି ବୀର ଯୋଦ୍ଧା। ତାଙ୍କର ଅତୁଳନୀୟ ସାହସ, ତ୍ୟାଗ ଓ ଦେଶପ୍ରେମ ଲାଗି ତାଙ୍କ ମରଶରୀରକୁ ଦର୍ଶନ କରିବା ପାଇଁ ଛୁଟି ଆସିଛନ୍ତି ଶହ ଶହ ଶୁଭେଚ୍ଛୁ। ଯେତେବେଳେ ତାଙ୍କର ମରଶରୀର ଆଠଗଡ଼ ଥାନା ଅନ୍ତର୍ଗତ ନିଜସ୍ୱ ଗ୍ରାମ ରାଗେଡାପଡା ଗାଁରେ ପହଞ୍ଚିଥିଲା, ସମଗ୍ର ଗାଁର ପରିବେଶ ଭାବବିହ୍ୱଳ ହୋଇଉଠିଥିଲା। ଭାରତୀୟ ସୈନ୍ୟ ବାହିନୀ ଓ ଓଡ଼ିଶା ପୋଲିସ ପକ୍ଷରୁ ବୀର ସୈନିକଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ୍ ମହାନ୍ତି, ଆଠଗଡ଼ ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି, ଭାଜପା ନେତା ଅଭୟ କୁମାର ବାରିକ ଏବଂ ତାଙ୍କର ବହୁ ସମର୍ଥକ ଏହା ସହିତ ଅବସରପ୍ରାପ୍ତ ସେନା କର୍ମଚାରୀ ଏବଂ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯେଉଁ ପଡ଼ିଆରେ ଦିନେ ଜନକ ଖେଳିଥିଲେ, ଦୌଡ଼ିଥିଲେ, ନିଜ ସ୍ୱପ୍ନକୁ ସାକାର କରିବାକୁ କଠିନ ପରିଶ୍ରମ କରିଥିଲେ, ସେହି ପଡ଼ିଆ ଆଜି ତାଙ୍କ ଶେଷ ବିଦାୟର ସାକ୍ଷୀ ହୋଇଥିଲା। ସେ କେବଳ ନିଜେ ସେନାରେ ଯୋଗ ଦେଇନଥିଲେ, ବରଂ ଅନେକ ଯୁବକଙ୍କୁ ମଧ୍ୟ ପ୍ରେରଣା ଦେଇ ସେହି ପଡ଼ିଆରୁ ଦେଶସେବାର ପଥକୁ ଆଗେଇ ନେଇଥିଲେ। ସେହି ପଡ଼ିଆ ଗଢ଼ିବାରେ ମଧ୍ୟ ତାଙ୍କର ଅବଦାନ ଅପରିସୀମ ଥିଲା। ପୁଅକୁ ହରାଇ ମାଆ ଆଜି ଝୁରି ହେଉଛି ପୁଅକୁ ପରିବାର ଭାଙ୍ଗିପଡ଼ିଛି, ସାଙ୍ଗସାଥୀମାନେ ନିର୍ବାକ୍। ସମସ୍ତଙ୍କ ସହ ତାଙ୍କର ଅତ୍ୟନ୍ତ ଭଲ ସମ୍ପର୍କ ଥିଲା। ହସମୁଖ, ମିଳନସାର ଓ ସହଯୋଗୀ ସ୍ୱଭାବ ପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ। ଜନକ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ବିୟୋଗ ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୩୦ ଚନ୍ଦ୍ରୋଦୟ- ଦିଘ ୨।୧୩।୪୧**

**ମଳ ଦଶମୀ-** ପ୍ରାଘ ୫।୧୩ ପର୍ଯ୍ୟନ୍ତ। ହସ୍ତା ନକ୍ଷତ୍ର ଅହୋରାତ୍ର। **କନ୍ୟା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ପ୍ରାଘ ୫।୧୩ ଗତେ ଶିମ୍ବ ଓ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଦିଘ ୬।୫୧ ମଧ୍ୟେ। ଦିଘ ୪।୩୮ ଗତେ ଦିଘ ୫।୨୫ ମଧ୍ୟେ।

**ମେଷ:** ଆୟର ପରିମାଣ ବୃଦ୍ଧି ପାଇବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହଯୋଗ ଲାଭ କରିବେ।

**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। କାର୍ଯ୍ୟକ୍ଷେତ୍ରରେ ଅସହଯୋଗ ଦେଖାଦେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା। ମନ ଅସ୍ଥିର ରହିବ।

**ମିଥୁନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେଇପାରନ୍ତି। ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିବ। ଘରେ ଅସନ୍ତୋଷ ଦେଖାଦେବ। ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ।

**କର୍କଟ:** ଅଟକି ରହିଥିବା କାମଟି ଆରମ୍ଭ ହେବ। ଆପଣଙ୍କ କାମରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ରୋଜଗାର ସ୍ଥିର ରହିବ। ଘରେ ଖୁସିର ବାତାବରଣ ଲାଗି ରହିବ।

**ସିଂହ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ସାମାନ୍ୟ ଚିନ୍ତିତ ରହିବେ। ବ୍ୟୟର ପରିମାଣ ବୃଦ୍ଧି। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେବ ଦର୍ଶନର ସୁଯୋଗ ଜୁଟିପାରେ।

**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ବେପାର ବାଣିଜ୍ୟରେ ଲାଭବାନ୍ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।

**ତୁଳା:** ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ରୋଜଗାର ଭଲ ହେବ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଘରେ ସଖ ଲାଭ ହେବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ।

**ବିଛା:** ପାରିବାରିକ ସୁଖ ମିଳିବ। ହଠାତ୍ କୌଣସି ଏକ ସ୍ଥାନରୁ ଶୁଭ ଖବର ପାଇ ଆନନ୍ଦିତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହୋଇପାରନ୍ତି।

**ଧନୁ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଧନ ଲାଭ ହେବାର ସୂଚନା। ଦେହ ଭଲ ରହିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।

**ମକର:** ସତ୍ କର୍ମରେ ଲିପ୍ତ ରହିବେ। ପରୋପକାର କରି ଆନନ୍ଦିତ ହେବେ। ମନ ପ୍ରଫୁଲ୍ଲ ରହିବ। ଆର୍ଥିକ ସ୍ଥିତି ସ୍ଥିର ରହିବ। ଗୃହେ ଆନନ୍ଦ ଦେଖାଦେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ। ଶରୀରରେ ସାମାନ୍ୟ ଅସୁସ୍ଥତା ଦେଖାଦେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ।

**ମୀନ:** କର୍ମକ୍ଷେତ୍ରରେ ଶୁଭ ଫଳ ମିଳିବାର ସୂଚନା। ଧନ ଲାଭ ହେବାର ଆଶା। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୦ ଚନ୍ଦ୍ରୋଦୟ- ଦିଘ ୩।୦୪।୫୬**

**ଏକାଦଶୀ-** ପ୍ରାଘ ୬।୨୫ ପର୍ଯ୍ୟନ୍ତ। ମଳ ହସ୍ତା ନକ୍ଷତ୍ର ପ୍ରାଘ ୫।୫୮ ପର୍ଯ୍ୟନ୍ତ। **କନ୍ୟା ଚନ୍ଦ୍ର-** ସଂଘ ୭।୦୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। ସଂଘ ୭।୦୩ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। ସଂଘ ୭।୦୩ ଗତେ ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ପ୍ରାଘ ୬।୨୫ ଗତେ ପୋଇ ଓ ମସୁର ଡାଲି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୪୯ ଗତେ ଦିଘ ୮।୨୯ ମଧ୍ୟେ। ଦିଘ ୧।୦୭ ଗତେ ଦିଘ ୧୧।୧୯ ମଧ୍ୟେ। **ପର୍ବୋତ୍ସବ-** ପଦ୍ମିନୀ ଏକାଦଶୀ, ସର୍ବସମ୍ମତ ପୁରୁଷୋତ୍ତମୀ ଏକାଦଶୀ ଉପବାସ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଗାଁକୁ ଯିବେ ବାବୁ, ଲୋକଙ୍କ ସମସ୍ୟା ବୁଝିବେ

ଜୁଲାଇ ସୁଦ୍ଧା ଗାଁକୁ ଯିବେ ସଚିବ, ଜିଲ୍ଲାରେ ରାତି ବିତାଇବେ, ଆହାର କେନ୍ଦ୍ରରେ ଖାଇବେ... ଲୋକଙ୍କ ସମସ୍ୟା ବୁଝି ଯୋଜନା ପରଖିବେ ଜୁଲାଇ ଭିତରେ ଗାଁକୁ ଯିବେ ସଚିବ ଓ ବରିଷ୍ଠ ଅଧିକାରୀ । ୨ରୁ ୩ ଦିନ ପାଇଁ ଜିଲ୍ଲାରେ ରହି ସେଠାରେ ଥିବା ଗାଁ ଓ ବ୍ଲକ୍ ବୁଲିବେ। ଆହାର କେନ୍ଦ୍ରରେ ଖାଇବେ ଏବଂ ଲୋକଙ୍କ ସମସ୍ୟା ବୁଝି ଯୋଜନା ପରଖିବେ। ଦୁର୍ଗମ ଅଞ୍ଚଳକୁ ପାଦରେ ଚାଲି ପ୍ରାଚୀନ ଜନଜାତିଙ୍କୁ ଭେଟିବେ। ଜୁଲାଇ ଭିତରେ ସେମାନେ ଗାଁକୁ ଯିବେ। ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଚିକିନିଖି ସମୀକ୍ଷା କରିବେ। ସ୍କୁଲ ଓ ହସ୍ପିଟାଲ ଯାଇ ସ୍ଥିତି ପରଖିବେ । ଆଦିବାସୀ ଛାତ୍ରାବାସ, ଅନାଥାଶ୍ରମ ବା ଆହାର କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ଖାଇ ମାନ ଯାଞ୍ଚ କରିବେ । ଦୁର୍ଗମ ଅଞ୍ଚଳକୁ ପାଦରେ ଚାଲି ଚାଲି ଯାଇ ପ୍ରାଚୀନ ଜନଜାତିଙ୍କ ସହ କଥା ହୋଇ ସମସ୍ୟା ଶୁଣିବେ। ପ୍ରତି ତିନି ମାସରେ ଥରେ ଏଭଳି ଗସ୍ତ କରିବା ସହ ଏହାର ବିବରଣୀ ସରକାରଙ୍କୁ ଦେବେ। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ସବୁ ବିଭାଗୀୟ ସଚିବଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ମେ ମାସରୁ ଜୁଲାଇ ମାସ ଭିତରେ ଏହି ଜିଲ୍ଲା ଗସ୍ତ ସାରିବାକୁ କୁହାଯାଇଛି । କେଉଁ ସଚିବ ବା ବରିଷ୍ଠ ଅଧିକାରୀ କେଉଁ ଜିଲ୍ଲାକୁ ଯିବେ, ତାହାର ଦାୟିତ୍ୱ ବଣ୍ଟାଯାଇଛି । ଜିଲ୍ଲା ପରିଦର୍ଶନ ସମୟରେ ସେମାନେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ, ଅନ୍ତ୍ୟୋଦୟ, ଆବାସ, ମଧୁ ବାବୁ ପେନସନ, ଗ୍ରାମୀଣ ଶିଳ୍ପ ପାର୍କ, ପାଇପ୍ ଜଳଯୋଗାଣ, ସେତୁ ବନ୍ଧନ, ପଞ୍ଚସଖା ଶିକ୍ଷା ସେତୁ, ପିଏମଶ୍ରୀ, ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି, ସୁଭଦ୍ରା ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଓ କାର୍ଯ୍ୟକାରିତାରେ କଣ ସମସ୍ୟା ରହୁଛି, ତାର ବିସ୍ତୃତ ସମୀକ୍ଷା କରିବେ । ସଚିବ ଓ ବରିଷ୍ଠ ଅଧିକାରୀମାନେ ନିଜ ଇଚ୍ଛା ଅନୁସାରେ ଜିଲ୍ଲାର ଯେ କୌଣସି ଅଞ୍ଚଳକୁ ଯାଇପାରିବେ । ଜିଲ୍ଲାର ଯେ କୌଣସି ପଞ୍ଚାୟତକୁ ଯାଇ ସେଠାରେ ଯୋଜନର କାର୍ଯ୍ୟକାରିତାକୁ ଯାଞ୍ଚ କରିବେ । ଜିଲ୍ଲାର ଯେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହ କଥା ହୋଇ ସମସ୍ୟା ବୁଝିବାକୁ କୁହାଯାଇଛି । ଚିକିତ୍ସା ସେବା ଏବଂ ଔଷଧ ଠିକରେ ମିଳୁଛି କି ନା, ତାହା ମଧ୍ୟ ପରଖିବେ । ପିଇବା ପାଣି ପ୍ରକଳ୍ପର ଅଗ୍ରଗତି ମଧ୍ୟ ସମୀକ୍ଷା କରିବାକୁ କୁହାଯାଇଛି । କେଉଁ ଜାଗାରେ ଘରୋଇ ଟ୍ୟାପ ସଂଯୋଗ ହୋଇନି ଓ କେଉଁଠି ଗ୍ରୀଷ୍ମ ଋତୁରେ ପିଇବା ପାଣି ସମସ୍ୟା ଅଛି, ତାକୁ ମଧ୍ୟ ଯାଞ୍ଚ କରିବେ । ଠିକରେ ପୋଷଣ ମିଳୁଛି କି ନା, ଜାଣିବାକୁ ଏସ୍ସି ଓ ଏସ୍ଟି ଛାତ୍ରବାସ, ଅନାଥାଶ୍ରମ ଓ ଆହାର କେନ୍ଦ୍ର ମଧ୍ୟାହ୍ନ ଭୋଜନ ଖାଇ ଖାଦ୍ୟର ଗୁଣବତ୍ତା ପରଖିବାକୁ ମଧ କୁହାଯାଇଛି । ଅଙ୍ଗନବାଡ଼ି କେନ୍ଦ୍ର ଓ ବାଳିକା ଛାତ୍ରାବାସ ବୁଲି ସ୍ଥିତି ଅନୁଧ୍ୟାନ କରିବେ । ଶିକ୍ଷାନୁଷ୍ଠାନ ଓ ସରକାରୀ ଅଫିସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ହୋଇଛି କି ନା, ତାକୁ ମଧ୍ୟ ଦେଖିବେ । ଜିଲ୍ଲାରେ ବ୍ୟାଙ୍କିଙ୍ଗ ସେବା କେମିତି ମିଳୁଛି, ଲୋକେ ଡିଜିଟାଲ ମାଧ୍ୟମରେ ସେବା ପାଉଛନ୍ତି କି ନା, କମନ ସର୍ଭିସ୍ ସେଣ୍ଟର କିଭଳି କାମ କରୁଛି, ତାକୁ ଯାଞ୍ଚ କରିବେ । ଖଣି ବହୁଳ ଜିଲ୍ଲାରେ ଡିଏମଏଫ ପାଣ୍ଠି କିଭଳି ଖର୍ଚ୍ଚ ହୋଇଛି ଓ ଆଂକାକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରିବେ । ପ୍ରତି ତିନି ମାସରେ ଅତି କମରେ ଦୁଇ ଦିନ ପାଇଁ ଏଭଳି ଜିଲ୍ଲା ଗସ୍ତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରୁ ଫେରି ଏହାର ରିପୋର୍ଟ ପୋର୍ଟାଲରେ ଅପଲୋଡ କରିବା ସହ ଏହାର ନକଲ ମୁଖ୍ୟ ଶାସନ ସଚିବଙ୍କୁ ଦେବାକୁ କୁହାଯାଇଛି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ସ୍ୱତନ୍ତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧୁ ହେଉଛି ସ୍ୱତନ୍ତ୍ର । ସ୍ୱତନ୍ତ୍ରତା ନଥିଲେ ସେ କେବେବି ସାଧୁ ହୋଇପାରେନା । ସ୍ୱତନ୍ତ୍ରତା ନଥିଲେ ଜଣେ ସାଧନାର ମାର୍ଗକୁ ଦୃଢୀଭୁତ କରିପାରେନା,କେନ୍ଦ୍ରୀଭୂତ କରିପାରେନା । ତେଣୁ ସେ ଈଶ୍ୱରୀୟ ସମ୍ବନ୍ଧୀୟ ଜ୍ଞାନକୁ ଉପଲବ୍‌ଧି କରିପାରେନା,ମୁକ୍ତିର ମାର୍ଗକୁ ସମାଜରେ ଆବୃତ କରିପାରେନା । ଏହା ହିଁ ସାଧୁର ପ୍ରଥମ ସୋପାନ । ସତ୍ୟକୁ ଉପଲବଧି କରି ସନାତନ ଧର୍ମର ମାର୍ଗକୁ ବୁଝି ତାର ତତ୍ତ୍ୱକୁ ବୁଝିବା ହେଉଛି ସ୍ୱତନ୍ତ୍ରତା । ସ୍ୱତନ୍ତ୍ରତା ନଥିଲେ ହୃଦୟରେ ପ୍ରେମର ପରାକାଷ୍ଠା ଉପଲବ୍ଧ ହୁଏନାହିଁ କି ଭକ୍ତିର ସଞ୍ଚାର ହୁଏନାହିଁ । ତେଣୁ ଦର୍ଶନ ପ୍ରଭୁଙ୍କର ହେବ କିପରି । ତେଣୁ ଗୀତାରେ ଦେଖ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଭଗବାନଙ୍କର ବାଣୀ ଏତେ ଶୁଣାଇଲା ସେ କଣ ବୁଝିଲା । କାରଣ ତାର ସ୍ୱତନ୍ତ୍ରତା ନଥିଲା। ତେଣୁ ସେ ଆଖି ଥାଇବି ଅନ୍ଧ । ମାୟା ମୋହର କବଳରେ ପଡି ସେ ସ୍ୱତନ୍ତ୍ରତା ହରାଇସାରିଥିଲା । ସେ ମାର୍ଗଦର୍ଶୀ ହୋଇପାରିଲା ନାହିଁ । ତେଣୁ ଗୁରୁ ହେଉଛନ୍ତି ସ୍ୱତନ୍ତ୍ର । ସ୍ୱତନ୍ତ୍ରତା ନଥିଲେ ସେ ଶିଷ୍ୟକୁ ସତ୍‌ମାର୍ଗରେ ପରିଚାଳନା କରିପାରନ୍ତି ନାହିଁ । ସେହି ଗୀତାରେ ଦେଖ,ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱତନ୍ତ୍ରତା ଯୋଗୁଁ ସେ ଅର୍ଜ୍ଜୁନକୁ ଉର୍ଦ୍ଧରୁ ଉର୍ଦ୍ଧ୍ୱକୁ ନେଇ ପୂର୍ଣ୍ଣତାପ୍ରାପ୍ତ କରାଇ ଜଗତରେ ଶିଷ୍ୟକୁ ପ୍ରତିଷ୍ଠିତ କରିପାରିଥିଲେ। ହରି ଓଁ ।

### ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ, କ୍ରୋଧ, ଲୋଭ, ମୋହରେ ଆବୃତ ହୋଇଥାଏ ।। ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା, ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍। କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ । (କ୍ରମଶଃ...)

# ଅଭିସାରିକା ଲକ୍ଷ୍ମୀ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

ଅନ୍ତର୍ଯ୍ୟାମୀ, ପରମ କାରୁଣିକ ଭଗବାନ। ନାହାଁନ୍ତି ବୈକୁଣ୍ଠଧାମେ ଅବା ମୁନିଋଷିମାନଙ୍କ ହୃଦୟରେ। ଭକ୍ତ ଯେଉଁଠି ସେଇଠି ଥାଆନ୍ତି। ଏଇ କଥାଟି ନାରଦ ପୁରାଣରେ ବର୍ଣ୍ଣିତ – "ନାହମ୍ ତିଷ୍ଠାମି ବୈକୁଣ୍ଠେ, ଯୋଗୀନାମ୍ ହୃଦୟେନଚ। ମଦ୍-ଭକ୍ତା, ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ।" ମନ, ପ୍ରାଣ, ହୃଦୟରେ ପ୍ରଭୁଙ୍କୁ ସ୍ଥାନ ଦେଲେ, ମିଳେ ଅଶେଷ ପୁଣ୍ୟ, ପରମ ତୃପ୍ତି। ମନ୍ଦିର, ମଠ, ମସ୍‌ଜିଦ୍, ଗୁରୁଦ୍ୱାର, ଚର୍ଚ୍ଚ – ଆଜି ଏସବୁର ଅଭାବ ନାହିଁ। ମହନ୍ତ, ବାବା, ଭକ୍ତଙ୍କର ସଂଖ୍ୟା ବି ଢେର୍। ଏ ପରିପ୍ରେକ୍ଷୀରେ ମନ୍ଦିରରେ ପାଷାଣ ଦେବତା। ପୂଜକ ମାଗେ ଦାନ। ଲୋଭ ମୋହରେ ସେ ଆସକ୍ତ। ଅପରପକ୍ଷରେ ଭକ୍ତଙ୍କର ଲୋକଦେଖାଣିଆ ହରିନାମ; ମାତ୍ର ଅନ୍ତରଟା ହଳାହଳ ପୂର୍ଣ୍ଣ। ସରଳତା, ସାଧୁତା, ଐକାନ୍ତିକ ନିଷ୍ଠା, ସେବା, ଧର୍ମରେ ବିଶ୍ୱାସୀମାନେ। ତାଙ୍କ ପାଇଁ ପ୍ରଭୁ ଢେର୍ ନିକଟରେ। ଅହଂକାର, ପ୍ରତିପତ୍ତି, ପ୍ରତିଷ୍ଠାରେ ବିଶ୍ୱାସୀମାନଙ୍କ ଠାରୁ ସେ ବହୁ ଦୂରରେ। ଗୋଟେ କଥାରେ କହିଲେ ଅନ୍ତର୍ଯ୍ୟାମୀ, ଭାବଗ୍ରାହୀ – କେବଳ ବନ୍ଧା ଭକ୍ତିଡୋରରେ। ଏ ପରିପ୍ରେକ୍ଷୀରେ କୋମଳମତି ଶିଶୁଟିଏ, ନାଁ ଲକ୍ଷ୍ମୀ। ପ୍ରଭୁଙ୍କ ମନ୍ଦିରରେ ପ୍ରବେଶ କରିବାର ତା'ର ଉଦ୍ୟମ। ପୂଜାରୀର ବାରଣ। ତାଙ୍କ ଅଲକ୍ଷ୍ୟରେ ଲକ୍ଷ୍ମୀ ପ୍ରବେଶ କରିଛି ମନ୍ଦିର ପ୍ରାଙ୍ଗଣରେ। ତା'ର ନିଷ୍କପଟ ସରଳ ପ୍ରାଣର ଅଭିବ୍ୟକ୍ତି। ଅତି ଚମତ୍କାର ଭାବେ ବାଢ଼ିଛନ୍ତି ମହାନ ଗାଳ୍ପିକ ମନୋଜ ଦାସ। ଗଳ୍ପଟିର ଶିରୋନାମା 'ଲକ୍ଷ୍ମୀର ଅଭିସାର'। ଏଇ ଗଳ୍ପ ଆଧାରରେ ଚଳଚ୍ଚିତ୍ରଟିଏ ମଧ ପ୍ରସ୍ତୁତ କରାଯାଇଛି। 'ଲକ୍ଷ୍ମୀ' ଏକ ପୁରାଣ ବର୍ଣ୍ଣିତ ମହାର୍ଘ୍ୟ ଚରିତ୍ର। ସେ କ୍ଷୀରାବ୍ଧି ତନୟା, ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ପରମବିଷ୍ଣୁ / ଶ୍ରୀଜଗନ୍ନାଥଙ୍କ ଅଙ୍କଶାୟିନୀ। ତାଙ୍କରି ନାମରେ ପ୍ରଭୁଙ୍କ ମନ୍ଦିର – ଶ୍ରୀମନ୍ଦିର, କ୍ଷେତ୍ର – ଶ୍ରୀକ୍ଷେତ୍ର। ସାମାଜିକ ସମନ୍ୱୟ ପ୍ରତିଷ୍ଠା, ବର୍ଣ୍ଣବୈଷମ୍ୟ ଦୂରୀକରଣ, ସମାନତା, ଭେଦଭାବହୀନ ଜୀବନଧାରା – ଏଥିରେ ଲକ୍ଷ୍ମୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ କଥାଟି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ। କ୍ରମେ 'ଲକ୍ଷ୍ମୀ' ପାଲଟିଲେ ମିଥ୍‌ଟିଏ। ବହୁ ଖ୍ୟାତନାମା ଲେଖକ ତାଙ୍କୁ ସ୍ଥାନ ଦେଲେ ଆପଣା ସୃଷ୍ଟି ସମ୍ଭାରରେ। ଅନୁରୂପ ଭାବେ ସ୍ରଷ୍ଟା ମନୋଜ ଦାସଙ୍କ ଗଳ୍ପ 'ଲକ୍ଷ୍ମୀର ଅଭିସାର'। ଲକ୍ଷ୍ମୀ ସାଜିଛି ଅଭିସାରିକାଟିଏ। ଏ ସମ୍ପର୍କିତ ଭାବବିହ୍ୱଳ ଉପସ୍ଥାପନା ଗଳ୍ପଟିର ଆତ୍ମିକ ବିଭବ। ପୁରୀ ଜିଲ୍ଲା ସତ୍ୟବାଦୀରେ ଗୋପୀନାଥ ମନ୍ଦିର। ମୁଖ୍ୟ ଆରାଧ୍ୟ ଦେବତା ଗୋପୀନାଥ। ମୂର୍ତ୍ତି ପ୍ରତିଷ୍ଠା, ଦେଉଳ ତୋଳା – ଏହାରି ଉପରେ ସୁନ୍ଦର କିମ୍ବଦନ୍ତୀଟିଏ। ସତ୍ୟବାଦୀ ଗ୍ରାମର ଦୁଇ ବ୍ରାହ୍ମଣ, ଜଣେ ବୃଦ୍ଧ, ଆର ଜଣକ ଯୁବକ। ସେ ନିର୍ଦ୍ଧନ। ବାହାରିଲେ ବୃନ୍ଦାବନ – ନଟନାଗର, ମୁରଲୀଧରଙ୍କ ରାସଲୀଳା କ୍ଷେତ୍ର। ପଥଶ୍ରାନ୍ତ ବୃଦ୍ଧ, ରୋଗଗ୍ରସ୍ତ, ଯୁବକର ସେବା ଶୁଶ୍ରୂଷା, ସୁସ୍ଥ ହେଲେ ବୃଦ୍ଧ। ଯୁବକ ଉପରେ ସନ୍ତୁଷ୍ଟ ବୃଦ୍ଧ, ନିଜ କନ୍ୟାଦାନ କରିବାର ପ୍ରତିଶ୍ରୁତି ଦେଲେ। ବୃଦ୍ଧ ବ୍ରାହ୍ମଣ, ପରେ ସେ କଥାକୁ ଅସ୍ୱୀକାର କରିବା – ଏ ସମସ୍ତ କିମ୍ବଦନ୍ତୀର କଥା। ବ୍ରାହ୍ମଣ ଯୁବକଙ୍କର ଅତୁଟ ବିଶ୍ୱାସ ବୃନ୍ଦାବନ ଚନ୍ଦ୍ରଙ୍କ ଉପରେ। ନିଜ ଦୁଃଖ ଜଣାଇଲେ। ପ୍ରଭୁ ସାକ୍ଷ୍ୟ ଦେବା ପାଇଁ ବୃନ୍ଦାବନରୁ ବାହାରିଲେ ଯୁବକ ପଛରେ। ପାଦ ନୂପୁରର ରୁଣୁଝୁଣୁ ଶବ୍ଦ। ପ୍ରଭୁଙ୍କ ନିର୍ଦ୍ଦେଶ, ଯୁବକ ଯେଉଁଠି ପଛକୁ ଚାହିଁବେ; ସେଇଠି ସେ ପଥର ପାଲଟିଯିବେ। ଆଗେ ଆଗେ ଯୁବକ ବ୍ରାହ୍ମଣଟ, ପଛେପଛେ ଭାବବିନୋଦିଆ, ଶୁଭୁଥାଏ ନୂପୂରର ନିକ୍ୱଣ। ଗ୍ରାମ ସନ୍ନିକଟ, ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା। ଶୁଭିଲାନି ଆଉ ନୂପୁରର ଶବ୍ଦ। ଯୁବକ ବୁଲି ଚାହିଁଲେ। ଗୋପୀନାଥ ପଥର ମୂର୍ତ୍ତିଟିଏ ପାଲଟିଗଲେ। ଯୁବକର ନିଷ୍ଠା, ପ୍ରଭୁ ଭକ୍ତି। ପ୍ରୀତି ଗ୍ରାମବାସୀ, ବୃଦ୍ଧ ବ୍ରାହ୍ମଣ ବି। ବଡ଼ ଧୂମ୍‌ଧାମରେ ବୃଦ୍ଧଙ୍କ କନ୍ୟାସହ ଯୁବକର ବିବାହକାର୍ଯ୍ୟର ସମାପନ। ପ୍ରଭୁ ପାଲଟିଥିବା ପଥର ମୂର୍ତ୍ତିଟି ପାଇଁ ମନ୍ଦିରଟିଏ ତୋଳିଦେଲେ – ସାକ୍ଷୀ ଗୋପୀନାଥ ମନ୍ଦିର। ମନ୍ଦିରରେ ଏକା ମୁରଲିଆ, ନ ଥିଲେ ରାଧାରାଣୀ। ଆଉ ଏକ ଚମତ୍କାରିତା। ଗ୍ରାମର ବ୍ରାହ୍ମକନ୍ୟା ଲକ୍ଷ୍ମୀ ରାଧା ଭାବେ ଭାବିତ। ନିଜକୁ ରାଧା ଜ୍ଞାନ କରେ। ମୂରଲିଆଙ୍କ ସେବାରେ ତାଙ୍କ ଦିନ ବିତିଲା। ଲକ୍ଷ୍ମୀର ତିରୋଧାନ ପରର ଘଟଣା। ନିର୍ମିତ ହେଲା ଗୋପୀନାଥଙ୍କ ପାର୍ଶ୍ୱରେ ରାଧାରାଣୀଙ୍କ ମୂର୍ତ୍ତିଟିଏ। ବର୍ଷସାରା ରାଧାଙ୍କ ପାଦ ବସ୍ତ୍ରାଚ୍ଛାଦିତ। ପବିତ୍ର ଅଁଳା ନବମୀ। ଏ ଦିନ ରାଧାରାଣୀଙ୍କ ପାଦଦର୍ଶନ, ବିମୋହିତ ଲକ୍ଷାଧିକ ଭକ୍ତ। ଅଭିସାରିକା ଲକ୍ଷ୍ମୀ, ମିଳନସ୍ଥଳ ଗୋପୀନାଥ ମନ୍ଦିର ଥିଲା। ଲକ୍ଷ୍ମୀଙ୍କ ଅଭିସାର ସମ୍ବଳିତ କବିଚନ୍ଦ୍ର କାଳୀଚରଣଙ୍କ ଜନପ୍ରିୟ ନାଟକ 'ଲକ୍ଷ୍ମୀ'। ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପ 'ଲକ୍ଷ୍ମୀର ଅଭିସାର'। ନାୟକ ନାୟିକାଙ୍କର ସଙ୍କେତ ସ୍ଥାନକୁ ଗମନ ଏହାହିଁ ଅଭିସାର। ଉକ୍ତ ଗଳ୍ପରେ ନାୟକ ପାଷାଣର ଭଗବାନ, ନାୟିକା କୋମଳମତି ଲକ୍ଷ୍ମୀ, ମିଳନସ୍ଥଳ ମନ୍ଦିର ପ୍ରକୋଷ୍ଠ। ଭକ୍ତର ଭଗବାନଙ୍କ ନିକଟରେ ମନକଥା ବ୍ୟକ୍ତ କରିବା – ଗଳ୍ପଟିର ପ୍ରାଣସତ୍ତା। କ୍ଳାନ୍ତ ଅପରାହ୍ଣ। ଅବଧାନଙ୍କ ଆବିର୍ଭାବରେ ତ୍ରସ୍ତ ଛାତ୍ରଛାତ୍ରୀ, ଚାଟଶାଳୀ ନିସ୍ତବ୍ଧ। ସେମିତି ଦଣ୍ଡାୟମାନ ମନ୍ଦିରଟିଏ, ଚତୁଃପାର୍ଶ୍ୱରେ ସବୁଜ, ଶାଗୁଆ ବୃକ୍ଷରାଜି। ଠା ଠା କୃଷ୍ଣଚୂଡ଼ା ଗଛର ଛାଇ। ତା'ରି ତଳେ ବସିଛି ଲକ୍ଷ୍ମୀ। ପୂଜାରୀଙ୍କ ଅଲକ୍ଷ୍ୟରେ ମନ୍ଦିରରେ ପ୍ରବେଶ କରିବ। ଡରେ ବୁଢ଼ା ପୂଜାରୀକୁ। ସେଦିନ ଘୋର ନିଦାଘ। ବୁଢ଼ା ପୂଜାରୀ ନିଦରେ ଘୁଙ୍ଗୁଡ଼ି ମାରୁଛି। ସନ୍ତର୍ପଣରେ ଲକ୍ଷ୍ମୀର ମନ୍ଦିର ପ୍ରବେଶ। ମୁଣ୍ଡିଆଟିଏ ମାରିଲା ଦିଅଁଙ୍କୁ। ଦିଅଁଙ୍କୁ ପରିଚୟ ଦେଲା – ସେ ଲକ୍ଷ୍ମୀ, ଠାକୁରେ ଚିହ୍ନିପାରୁଛନ୍ତି କି ନାହିଁ? ମାସେ ହେଲା ସେ ଆସୁଛି, ପୂଜାରୀ ଡରରେ ମନ୍ଦିର ଭିତରକୁ ଯାଇପାରୁନି। ପଣ୍ଡିତ କାହିଁକି ଘୁଙ୍ଗୁଡ଼ି ମାରୁଛି, ରାତିରେ କ'ଣ ତାଙ୍କର ସେଇ ଘୁଙ୍ଗୁଡ଼ି! ପଣ୍ଡିତମାନେ କାହିଁକି ଘୁଙ୍ଗୁଡ଼ି ମାରନ୍ତି, ସେ ଘୁଙ୍ଗୁଡ଼ି ମାରିଲେ କ'ଣ ପଣ୍ଡିତ ହୋଇଯିବ – ଏମିତି ଠାକୁରଙ୍କ ନିକଟରେ ଶତ ପ୍ରଶ୍ନ। ପାଷାଣ ଦିଅଁ ବା କି ଉତ୍ତର ଦିଅନ୍ତେ? ମାସକ ତଳର କଥା। ସ୍ୱପ୍ନରେ ଲକ୍ଷ୍ମୀ ଠାକୁରଙ୍କୁ ଦେଖିଲା। ସେ କାହିଁକି ତାଙ୍କ ସହ ଖେଳୁନି, ଏକଥାଟି ଠାକୁର କହିଲେ। ତା' ପରଦିନଠାରୁ ଲକ୍ଷ୍ମୀର ନିତି ଚେଷ୍ଟା; ମାତ୍ର ପୂଜାରୀ ତା' ପଥରେ କଣ୍ଟା। ସାକ୍ଷାତ ହୋଇପାରୁ ନ ଥିଲା। ଆଜି ସେ ଢେର୍ ଖୁସି। ବରଟିଏ ମାଗିବ; କିନ୍ତୁ ସେ କଥା ପରେ। ତା' ଆଖିରେ ପଡ଼ିଲା ବଡ଼ କାନ୍ଧିଏ ପାଚିଲା କଦଳୀ। ଏତେ ବଡ଼, ଠାକୁର କ'ଣ ଏକାଥରେ ଖାଇଦେବେ। "ସାବଧାନ କରିଦେଉଛି। ଏକାଥରେ ଖାଇବନି, ପେଟ ଖରାପ ହେବ, ନିତି ଦୁଇଟା କରି, ନ ହେଲେ ଚାରିଟା। ଚବିଶିଟା କଦଳୀ କେତେଦିନ ଲାଗିବ ଖାଇବାକୁ।" ଏକଥା ଲକ୍ଷ୍ମୀର ମୁଣ୍ଡରେ ପଶୁନି। ଅଙ୍କରେ ସେ ଭାରି ଦୁର୍ବଳ। ଏଇ ସାମାନ୍ୟ ହିସାବ, ତା' ସାମର୍ଥ୍ୟ ବାହାରେ। ଠାକୁରଙ୍କ ନିକଟରେ ତା'ର ପ୍ରସ୍ତାବ। ଦିନେ ରାତିରେ ସମସ୍ତେ ଶୋଇଥିବେ। ଠାକୁର କିମିଆ କରିଦେବେ। ସମସ୍ତେ ସବୁ ଅଙ୍କ ପାସୋରି ଦେବେ। ଅଙ୍କ ଏକ ବିଷୟ; ତାହା ସମସ୍ତେ ଭୁଲିଯିବେ। ଲକ୍ଷ୍ମୀ କଥା ବଦଳେଇଲା, ନାଁ ଅଙ୍କ ବିଷୟ ରହୁ, ଏ ଅଙ୍କର ଗୋଟିଏ ଭଲ ଗୁଣ ଥାଇପାରେ! ସଞ୍ଜ ନଇଁଲେ, ସିନ୍ଦୂର ଫାଟିବା ପୂର୍ବରୁ, ମଠ ମନ୍ଦିରରେ କଳ ଗାଉଣାର ବିକଟ ଚିତ୍କାର। ପରିବେଶ ପ୍ରକମ୍ପିତ। ନିଦ ଭାଙ୍ଗିଯାଏ। ସେଦିନ କି ସୁନ୍ଦର ସ୍ୱପ୍ନଦେଖା। ସ୍ୱୟଂ ଠାକୁର ତାକୁ ଦେଖାଦେଲେ, ହେଲେ ସବୁ ବିଫଳ। ଏଇ କଳ ଗାଉଣାଟା ତା' ନିଦ ଭାଙ୍ଗିଦେଲା। ଶେଷରେ ଲକ୍ଷ୍ମୀ ମାଗିଛି ବରଟିଏ। ଠାକୁର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ; ଧୀର ନମ୍ର ଭାବରେ ଭକ୍ତି ଜଣାନ୍ତୁ। କେବଳ ମନ୍ଦିର କାହିଁକି, ଭିନ୍ନ ଧର୍ମପୀଠଗୁଡ଼ିକରେ ସେଇ ଅବସ୍ଥା। କଳଗାଉଣା ସାଙ୍ଗରେ ଲାଗିଛି ଯନ୍ତ୍ରତୁଙ୍ଗା, ସେଗୁଡ଼ିକର ଘୋର ରଡ଼ି, ଏଥିରେ କି ଠାକୁର ଡକା? ଯଦି ଠାକୁରଙ୍କୁ ଏ ଯନ୍ତ୍ରତୁଙ୍ଗା ପସନ୍ଦ, ତା'ର କିଛି କହିବାର ନାହିଁ। ସେ ଭାରି ଡରକୁଳୀ, ବଡ଼ ଶବ୍ଦରେ ତା' ଛାତିଥରେ, ତା' ବାପା ବି ଡରୁଆ। ଠାକୁରେ ସେମାନଙ୍କୁ ସାହସୀ କରିଦିଅନ୍ତେନି! ଲକ୍ଷ୍ମୀ ବାପା ନିଦରବ। ସାହୁକାର ଠାରୁ କରଜ ଆଣିଛି। ମାସ ଶେଷ, ପହଞ୍ଚିଯାଏ ଗୋଟାଏ ଭୟଙ୍କର ନିଶୁଆ ମଣିଷଟାଏ। ହାତରେ ଚିତାଏ ଉଚ୍ଚାର ଠେଙ୍ଗା। ବାପା ଭୟରେ ସୁଧଟଙ୍କା ଦେଇ ଦିଅନ୍ତି। ସେଦିନ ବାପା ପାଖରେ ତା'ର ଅଳି। ଭଲ ଫ୍ରକ୍‌ଟିଏ ଦରକାର। ବାପା, ବୋଉ ବାହାରିଲେ ବଜାର, ଲକ୍ଷ୍ମୀ ସାଥିରେ। କୁଆଡ଼େ ଥିଲା ନିଶୁଆଟା, ହାଜର। ବାପା ସବୁ ଟଙ୍କା ଦେଇଦେଲେ। ଲକ୍ଷ୍ମୀର ଫ୍ରକ୍ କିଣା ନୋହିଲା। ଲକ୍ଷ୍ମୀର ପ୍ରସ୍ତାବ, ଯଦି ବାପା କରଜ କରନ୍ତି, ତେବେ ଜଣେ ଗେଡ଼ା, ନିଶ ନ ଥିବା, ହାତରେ ଠେଙ୍ଗା ଧରୁ ନ ଥିବ – ସେଇ ଲୋକଠାରୁ ଆଣିବ। ପେଡ଼ିରେ ବୋଉର ରଙ୍ଗୀନ ଶାଢ଼ୀଟିଏ, ବହୁତ ଦିନରୁ ଅଛି। ସେଇଥିରେ ଫ୍ରକ୍‌ଟିଏ କରିଦେବାକୁ ବୋଉକୁ କହିଲା। ତା'ର ସେଇ ରଙ୍ଗ ଖୁବ୍ ପସନ୍ଦ। ଲକ୍ଷ୍ମୀ ମିଛ କହିଛି। ବାପାଙ୍କର ଟଙ୍କା ନାହିଁ, ଫ୍ରକ୍ ପାଇଁ ଝିଅ କାଳେ କାନ୍ଦିବ! ଏଇଥିପାଇଁ ଲକ୍ଷ୍ମୀ କଥାଟିକୁ ଚଳେଇନେଲା। ବୋଉ ଶାଢ଼ୀଟି କାଟି ଫ୍ରକ୍ ତିଆରି କଲା। ତା' ଆଖିରେ ଧାରଧାର ଲୁହ। ଥରେ ବୋଉ ମିଛ କହିଲା। ବାପା ଘରେ ଥିଲେ; ବୋଉ କହିଲା ବାହାରକୁ ଯାଇଛନ୍ତି। ଟଙ୍କା ଅସୁଲ ପାଇଁ ଆସିଥିବା ରାକ୍ଷାସଟା ଫେରିଗଲା। ମିଛ କହିବା ମହାପାପ – ଏକଥା ଦିନେ ବୋଉ କହୁଥିଲା, ଆଜି ପରିସ୍ଥିତିରେ ପଡ଼ି ସେ ମିଛ କହିଛି। ପରିସ୍ଥିତିରେ ପଡ଼ି ମିଛ କହିବାଟା ଅନୁଚିତ। ଏ କଥାଟି ବୋଉଠାରୁ ଲକ୍ଷ୍ମୀ ବୁଝିଲା; ବୋଉ ମିଛ କହିଛି; ମାତ୍ର ସେ ମିଛେଇ ନୁହେଁ। ଶେଷରେ ତା'ର ଠାକୁରଙ୍କୁ ପ୍ରାର୍ଥନା। ତା' ବାପାଙ୍କୁ କିଛି ଅର୍ଥ ଠାକୁରେ ଦିଅନ୍ତୁ। ଯଦି ଠାକୁରେ ଅସୁବିଧାରେ ପଡ଼ିବେ; ତେବେ ନ ଦିଅନ୍ତୁ। ସତରେ! କେତେ ସରଳ, ନିଷ୍ପାପ ଏଇ କୋମଳମତୀ ଲକ୍ଷ୍ମୀ! ବେଳ ଗଡ଼ିଛି, ଲକ୍ଷ୍ମୀ ହାତରେ ଠାକୁରଙ୍କ କଦଳୀରୁ ଦି'ଟା। ପୂଜାରୀର ନିଦ୍ରା ଭାଙ୍ଗିଯାଇଛି। ସେ ଚିତ୍କାର କଲେ। ଦିନ ଦି' ପହରରେ ମନ୍ଦିରରୁ ଚୋରି। ଲକ୍ଷ୍ମୀ ପଛରେ ଧାବମାନ ପଣ୍ଡିତେ। ପାଟିତୁଣ୍ଡ। ପାଞ୍ଚ, ଦଶ, ପନ୍ଦର, କୋଡ଼ିଏ ଲୋକ ହାଜର। ଲକ୍ଷ୍ମୀ ପୋଖରୀ ଭିତରେ। ଅଣ୍ଟାଯାଏ ପାଣି। ସମସ୍ତଙ୍କର ମୁହଁରେ କଠୋର ଭାଷା। ଲକ୍ଷ୍ମୀକୁ ପାଣିରୁ ବାହାରି ଆସିବା ପାଇଁ ତାଗିଦ। ନାନା ପ୍ରକାର ଭର୍ତ୍ସନା। ଭିଡ଼ ଛାଟି ଚିରି ଚାଲିଆସିଲେ ଲକ୍ଷ୍ମୀର ବାପା। କିଏ କହୁଛି ଗୁଣବତୀ କନ୍ୟା, କିଏ ଝିଅକୁ ଚୋରଣୀ କହିଲା, କିଏ ଚରିତ୍ର ସଂହାର କରୁଛି। ବାପା କାନ୍ଧରେ ଲକ୍ଷ୍ମୀ। କଦଳୀ ଦି'ଟାକୁ ପୂଜାରୀଙ୍କୁ ଫେରାଇଦେଲେ ବାପା। ରାତିରେ ଲକ୍ଷ୍ମୀ ଦିହରେ ଖଇଫୁଟା ତାତି। ତିନି ଦିନରେ ସେ ବାଟ କାଟିଲା। ସତେ ଯେମିତି ତା' ଆତ୍ମା ପରମାତ୍ମାରେ ଆଜି ବିଲୀନ! ସେଦିନ ସନ୍ଧ୍ୟା, ପୁରାଣ ପାଠ ଚାଲିଛି। କାହାର କେତେ ପ୍ରକାର ମନ୍ତବ୍ୟ। ଦିଅଁ ପ୍ରତ୍ୟକ୍ଷ, କଦଳୀ ଚୋରଣୀ ପାଇଲା ପରାଭବ। ମନ୍ଦିର ପୁନଃ ନିର୍ମାଣ ଅର୍ଥ ଆତ୍ମସାତ କରିଥିବା ସ୍ଥାୟୀ ନେତା, ମନ୍ଦିରର ବିଭିନ୍ନ ବିଭାଗରୁ ଚୋରି କରୁଥିବା ଦୁଇ ସେବକ ଶୁଣୁଛନ୍ତି। ଏ ବିଶ୍ୱାସ ଥିଲା ସେମାନଙ୍କର; ମାତ୍ର ବିମର୍ଷ ପୂଜାରୀ ପଣ୍ଡିତେ। ହରିବୋଲ, ହୁଳହୁଳି ଧ୍ୱନିରେ ଉଚ୍ଛୁଳୁଛି ମନ୍ଦିର ପ୍ରାଙ୍ଗଣ। ପଣ୍ଡିତେ ଅନୁଭବ କଲେ, ସେଇ ମୁହୂର୍ତ୍ତରେ ଦିଅଁଙ୍କ ବିଭୂତି ଅନ୍ତର୍ହିତ। ସିଂହାସନ ଉପରେ ଏକ ଅର୍ଥହୀନ, ଦୀପ୍ତିହୀନ ରୂପ ମାତ୍ର। ପଣ୍ଡିତଙ୍କ ଦେହରେ ଜ୍ୱର ଭର୍ତ୍ତି। ସତେ ଯେମିତି ନୀରବରେ ପ୍ରାର୍ଥନା କରୁଥିଲେ– "ପରଜନ୍ମରେ ଏଇ ପାପିଷ୍ଠ ଜିହ୍ୱା ହୀନ ହୋଇ ଜନ୍ମନେଉ।" ଲକ୍ଷ୍ମୀର କୋମଳତା, ସରଳତା, ଭକ୍ତିମତ୍ତା – ହେଜୁଥିଲେ ପଣ୍ଡିତେ! ସତରେ ପଣ୍ଡିତେ କେଡ଼େ ପାପୀଟାଏ? ଗପଟି ଲକ୍ଷ୍ମୀ ମିଥ୍ ଉପରେ ଆଧାରିତ। ଭକ୍ତ ଭଗବାନଙ୍କ ନିବିଡ଼ ସମ୍ପର୍କ, ମାନିନୀ ରାଧାଙ୍କର ଗୋପୀନାଥଙ୍କ ସହ ଅପ୍ରାକୃତ ପ୍ରେମ ସମ୍ପର୍କ, ସମକାଳୀନ ଜନତାଙ୍କର କୁତ୍ସିତ ରୂପ, ମହାଜନଙ୍କର ପ୍ରତାରଣା – ଏ ସମସ୍ତ 'ଲକ୍ଷ୍ମୀର ଅଭିସାର' ଗଳ୍ପର ଆତ୍ମକଥା। ରଚନାଶୈଳୀ ମଧ୍ୟ ପ୍ରାଣସ୍ପର୍ଶୀ।

# ପରିବାର-ସଂସ୍କୃତି : ଝିଅଙ୍କ କୀର୍ତ୍ତି ଓ କୃତି-୨



ମନୋରଞ୍ଜନ ମହାନ୍ତି
ଇଂରାଜୀ ବିଭାଗ ମୁଖ୍ୟ
ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର
୯୮୫୩୨୮୨୯୬୨

### ମନୋରମା ମହାପାତ୍ର

ଦୈନିକ 'ସମାଜ'ର ସ୍ୱନାମଧନ୍ୟ ସଂପାଦକ ରାଧାନାଥ ରଥଙ୍କ ଝିଅ ମନୋରମା ମହାପାତ୍ର । ଜନ୍ମ ଆଠଗଡ଼ରେ । ସେତେବେଳେ ତାଙ୍କ ଗାଁରେ ଝିଅମାନେ ବାରବର୍ଷ ବୟସରେ ବିବାହ କରୁଥିଲେ। ଏପରିକି ତାଙ୍କ ଭଉଣୀମାନଙ୍କର ବିବାହ ସେହି ବୟସରେ ହୋଇଥିଲା। ମନୋରମା ଥିଲେ ଗାଁରେ ଏକମାତ୍ର ଝିଅ ଯିଏ ମାଟ୍ରିକ୍ ପାଶ୍ କରିଥିଲେ ଓ ଷୋଳ ବର୍ଷ ବୟସରେ ବିବାହ କରିଥିଲେ। ବିବାହର ତେର ବର୍ଷ ପରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ନିଜସ୍ୱ ସାଧନା ବଳରେ ଜଣେ ଶିକ୍ଷାବିତ୍, ସାମ୍ବାଦିକ, ସାମାଜିକ କର୍ମୀ, ସୁସାହିତ୍ୟିକ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଲେ । ଭାରତ ସ୍ୱାଧୀନତା ହାସଲ କଲାବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ତେର ବର୍ଷ, ଯେତେବେଳେ ସେ ତାଙ୍କର ଚିନ୍ତାଧାରାକୁ ନିମ୍ନ ପ୍ରକାରେ ଲେଖିଥିଲେ – 'ହେ ଭାରତମାତା ! ଆମକୁ ଆଶୀର୍ବାଦ କର, ଯେପରି ସମାଜରେ ନାରୀମାନେ ଯନ୍ତ୍ରଣାର ଲୁହ ନଝରାନ୍ତି ଓ ଏକ ମର୍ଯ୍ୟାଦାଜନକ ଜୀବନ ଯାପନ କରନ୍ତି। ଜଣେ ମା' ବା ସ୍ରଷ୍ଟାର ସମ୍ମାନ ନାରୀମାନଙ୍କୁ ମିଳୁ ।' ସର୍ବପ୍ରଥମେ କଟକରେ ନାରୀମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସ୍ୱାଧୀନ ଭାରତ କୀ ଜୟ, ବନ୍ଦେ ମାତରମ୍, ମହାତ୍ମା ଗାନ୍ଧି କୀ ଜୟ, ନେତାଜୀ ସୁବାସ କୀ ଜୟ ଇତ୍ୟାଦି ସ୍ଲୋଗାନ୍ ଦେଇଥିଲେ । ରମାଦେବୀ, ସରଳା ଦେବୀ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ ପ୍ରମୁଖଙ୍କ ଆଦର୍ଶରେ ମନୋରମା ଖୁବ୍ ପ୍ରଭାବିତ ହୋଇଥିଲେ। କଟକ ନଗରର ଝୁମ୍ପୁଡ଼ି ବାସିନ୍ଦାମାନଙ୍କ ଉନ୍ନତି, ଶିଶୁମାନଙ୍କ ଶିକ୍ଷା, ନାରୀ ସଶକ୍ତିକରଣ ଦିଗରେ ସେ କାର୍ଯ୍ୟ କଲେ । କଟକ ଲୋକସେବକ ଯୁବମଣ୍ଡଳର ପ୍ରତିଷ୍ଠାତା ସଭାପତି, ଓଡ଼ିଶା ନାରୀସେବା ସଂଘର ସଭାପତି, କବୀର ଶାନ୍ତି ମିଶନର ଆଜୀବନ ସଭ୍ୟା, ୧୯୮୫ ମସିହାରେ ଦିଲ୍ଲୀ ଲୋକ ସେବକ ମଣ୍ଡଳର ଦ୍ୱିତୀୟ ମହିଳା ସଭ୍ୟା, ଦୈନିକ 'ସମାଜ'ର ପରିଚାଳନା ସଂପାଦିକା ଭାବରେ ତାଙ୍କର କାର୍ଯ୍ୟଧାରା ଖୁବ୍ ଉଚ୍ଚମାନର ଓ ପ୍ରଶଂସନୀୟ। ପଚାଶଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା ମନୋରମାଙ୍କ ସାହିତ୍ୟ କୃତି ମଧ୍ୟରେ ରହିଛି 'ଅର୍ଦ୍ଧନାରୀଶ୍ୱର', 'ଝଡ଼ ପରେ ସୂର୍ଯ୍ୟୋଦୟ' 'ସମୟ ପୁରୁଷ', 'ବଣ ରାଇଜର କଥା', 'ଆମେ ସବୁ ନିରବ ଦର୍ଶକ', 'ହାଣ୍ଡିଶାଳରୁ ରାଜଦରବାର' ପ୍ରଭୃତି ସାହିତ୍ୟ-ପୁସ୍ତକ । ତାଙ୍କର ସାହିତ୍ୟ ସାଧନାକୁ ସ୍ୱୀକୃତି ଜଣାଇ ତାଙ୍କୁ ପ୍ରଦ[illegible] ହୋଇଛି ଅନେକ ସାରସ୍ୱତ ପୁରସ୍କାର ଓ ବିଶେଷତଃ ୨୦୧୨ ନଭେମ୍ବର ୨୬ ତାରିଖରେ ସାରଳା ସଂସଦର ୩୨ତମ ପ୍ରତିଷ୍ଠା ଦିବସରେ ସମ୍ମାନଜନକ 'ସାରଳା ସମ୍ମାନ' । ମନୋରମା ମହାପାତ୍ରଙ୍କ ରଚନା ଓ ବକ୍ତୃତାଗୁଡ଼ିକ ଖୁବ୍ ମୂଲ୍ୟବୋଧଭିତ୍ତିକ । ସେ ଲେଖନ୍ତି ଓ କହନ୍ତି ଯେ ସତ୍ୟ, ଅହିଂସା, ନ୍ୟାୟ, ଦେଶପ୍ରୀତି, ଆତ୍ମସଂଯମ, ନୈତିକତାର ବିକାଶ ସମାଜର ସାମୂହିକ ପ୍ରଗତି ନିମି[illegible] ଖୁବ୍ ଗୁରୁତ୍ୱପୂର୍ଣ୍ଣ

### ଗୀତା ମେହେଟ୍ଟା

ଓଡ଼ିଶାର ବିଶିଷ୍ଟ ରାଜନେତା, ଜନନାୟକ ବିଜୁ ପଟ୍ଟନାୟକଙ୍କ ଝିଅ ଗୀତା ମେହେଟ୍ଟା ଜଣେ ପ୍ରାବନ୍ଧିକା, ଔପନ୍ୟାସିକା, ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାତା ଓ ସାମ୍ବାଦିକା। ତାଙ୍କର ସମସ୍ତ ରଚନାରେ ଭାରତର ଇତିହାସ, ରାଜନୀତି ଓ ସଂସ୍କୃତିର ପ୍ରତିଫଳନ। ପ୍ରଥମ ଉପନ୍ୟାସ 'ଜବହ' (ରାଜ୍) ଭାରତର ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ଏକ ଐତିହାସିକ ଉପନ୍ୟାସ । ଦ୍ୱିତୀୟ ଉପନ୍ୟାସ 'A River Sutra' (ଏ ରିଭର୍ ସୂତ୍ର) ଭାରତର ନାନ୍ଦନିକ ଓ ଦାର୍ଶନିକ ଚିନ୍ତନର ପ୍ରଚଳିତ ପରମ୍ପରା ଅବଲମ୍ବନରେ ରଚିତ । ତାଙ୍କର ଅନେକ ଡକ୍ୟୁମେଣ୍ଟାରୀ ଫିଲ୍ମ ବଙ୍ଗଳାଦେଶ ମୁକ୍ତି ସଂଗ୍ରାମ, ଭାରତ-ପାକିସ୍ତାନ ଯୁଦ୍ଧ, ପ୍ରାକ୍ତନ ଗଡ଼ଜାତ ରାଜ୍ୟର ନିବାଚନ ଇତ୍ୟାଦିକୁ ଭିତ୍ତି କରି ପ୍ରସ୍ତୁତ ହୋଇଛି । ତାଙ୍କର ଦୁଇଟି ପ୍ରବନ୍ଧ ସଂକଳନ 'Karma Cola : Marketing the mystic East' (କର୍ମାକୋଲା : ମାର୍କେଟିଂ ଦି ମିଷ୍ଟିକ୍ ଇଷ୍ଟ) ଓ 'Snakes and Ladders: Glimpses of modern India' (ସ୍ନେକ୍ସ ଏଣ୍ଡ ଲ୍ୟାଡର୍ସ : ଗ୍ଲିମ୍ପସେସ୍ ଅଫ୍ ମଡର୍ଣ୍ଣ ଇଣ୍ଡିଆ)ରେ ଭାରତର ରାଜନୀତି, ସାମାଜିକ ଅଶାନ୍ତି, ଧର୍ମ-ଧର୍ମ, ସଂସ୍କୃତି-ସଂସ୍କୃତି ମଧ୍ୟରେ ସଂଘର୍ଷ, ଆଧ୍ୟାତ୍ମିକତା ଓ ଭାରତୀୟ ବୟନଶିଳ୍ପରୁ ଭାରତୀୟ ସାହିତ୍ୟ, ଚଳଚ୍ଚିତ୍ର ପର୍ଯ୍ୟନ୍ତ ନାନା କଥା ସ୍ଥାନିତ ହୋଇଛି । ପ୍ରଥମ ଉପନ୍ୟାସ 'ଜବହ' (ରାଜ୍)ରେ ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରେ ଭାରତୀୟ ସମାଜ-ଜୀବନର ଚିତ୍ର ଉପସ୍ଥାପିତ । ଉପନ୍ୟାସର ମୁଖ୍ୟ ଚରିତ୍ର ଜୟା ସିଂହ ପରାଧୀନ ଭାରତବର୍ଷର ଗୋଟିଏ ଗଡ଼ଜାତ ରାଜ୍ୟ ବାମର୍‌ର ମହାରାଜା ମହାରାଣୀଙ୍କ ଝିଅ । ଜୟାଙ୍କ ବାଲ୍ୟକାଳ, ପାରିବାରିକ ପରମ୍ପରା, ସଂସ୍କାର, ରାଜନୈତିକ ଚାପ ଓ ଦାୟିତ୍ୱ ସମେତ ତତ୍‌କାଳୀନ ରାଜନୈତିକ ଓ ସାମାଜିକ ସମସ୍ୟାଗୁଡ଼ିକୁ ଔପନ୍ୟାସିକା ଖୁବ୍ ଦକ୍ଷତାର ସହିତ ବର୍ଣ୍ଣନା କରିଅଛନ୍ତି। କାଳକ୍ରମେ ଜୟାଙ୍କର ବିବାହ ଗୋଟିଏ ଗଡ଼ଜାତ ରାଜ୍ୟର ରାଜକୁମାରଙ୍କ ସହିତ ସମ୍ପନ୍ନ ହୋଇଛି । କିନ୍ତୁ ପାଶ୍ଚାତ୍ୟ ଶିକ୍ଷା ପ୍ରାପ୍ତ ରାଜକୁମାର ଭାରତୀୟ ନାରୀମାନଙ୍କୁ ଭଲପାଇ ନାହାନ୍ତି, ବରଂ ବେଶି ପସନ୍ଦ କରିଛନ୍ତି ୟୁରୋପୀୟ ନାରୀମାନଙ୍କୁ, ଉଡ଼ାଜାହାଜକୁ, ପୋଲୋ ଖେଳକୁ ।

ଜୟାଙ୍କ ଚରିତ୍ର ଚିତ୍ରଣ ଜରିଆରେ ଔପନ୍ୟାସିକା ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିକ୍ଷୁବ୍ଧ ବର୍ଷଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଜୟାଙ୍କୁ ଜଣେ ଯଥାର୍ଥ ଶିକ୍ଷିତା ହିନ୍ଦୁନାରୀର ମର୍ଯ୍ୟାଦା ଦେଇ ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଔପନ୍ୟାସିକା । ଗାନ୍ଧିଙ୍କ ଲବଣଯାତ୍ରା, ହିନ୍ଦୁ ମୁସଲମାନ ସଂଘର୍ଷ, ଏକ ଜଟିଳ ରାଜନୈତିକ ବାସ୍ତବତାରୁ ସୃଷ୍ଟ ଦୁଇଟି ଆଧୁନିକ ରାଷ୍ଟ୍ର ଭାରତ ଓ ପାକିସ୍ଥାନ ଇତ୍ୟାଦିର ବିବରଣୀ ପ୍ରଦତ୍ତ[illegible] ହୋଇଛି ଉପନ୍ୟାସର ଅନ୍ତଃସ୍ଥଳରେ ।

ଦ୍ୱିତୀୟ ଉପନ୍ୟାସ 'A River Sutra' (ଏ ରିଭର୍ ସୂତ୍ର) ଭାରତବର୍ଷର ପବିତ୍ର ନଦୀ ନର୍ମଦାକୁ କେନ୍ଦ୍ର କରି ରଚିତ । ନଦୀକୁ ଆସୁଥିବା ତୀର୍ଥଯାତ୍ରୀ, ଭାରତୀୟ ପୁରାଣ ଓ କଳାତ୍ମକ ପରମ୍ପରା, ଧର୍ମନିରପେକ୍ଷ ମାନବବାଦୀ ଚିନ୍ତନ, କ୍ଲାସିକ୍ ସଂସ୍କୃତ ନାଟକ, ହିନ୍ଦୁଶାସ୍ତ୍ର, ସୁଫି କବିତା, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ରାଗ, ପ୍ରେମର ଦେବତା 'କାମ', ମନୁଷ୍ୟ-ହୃଦୟର ପ୍ରବୃତ୍ତି ଓ ରହସ୍ୟ ଇତ୍ୟାଦିର ବର୍ଣ୍ଣନାରେ ଉପନ୍ୟାସ ସମୃଦ୍ଧ । ସେଥି ସହିତ ରହିଛି ଗୋଟିଏ କାହାଣୀ, କିଭଳି ଜଣେ ସିଭିଲ୍ ସର୍ଭାଣ୍ଟ ଅବସର ଗ୍ରହଣ ପରେ ନର୍ମଦା ନଦୀ କୂଳରେ ଏକ ସରକାରୀ ବିଶ୍ରାମାଗାର ପରିଚାଳନା ଦାୟିତ୍ୱରେ ଅଛନ୍ତି । (କ୍ରମଶଃ)

# ବିପ୍ଳବୀ ଜନନେତା ପରଶୁରାମ ହରିଚ଼ନ୍ଦନ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ପୂଣ୍ୟତୋୟା ଭାରତରେ ଓଡ଼ିଶା, କଳା,ସାହିତ୍ୟ ଓ ସଂସ୍କୃତିର ମହାନ ମିଳନ ସ୍ଥଳ। ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି। ସେହିଭଳି ଜଣେ ତେଜସ୍ୱୀ ପୁରୁଷ ପର୍ଶୁରାମ ହରିଚ଼ନ୍ଦନ ଗମ୍ଭାରିମୁଣ୍ଡା ଅଞ୍ଚଳରେ ଜନ୍ମ ନେଇଥିଲେ। ତାଙ୍କ ସାହିତ୍ୟ ସାଧନା, ସମାଜସେବା, ରାଜନୈତିକ ମୂଲ୍ୟବୋଧ ଓ ସ୍ୱାଧିନତା ଆନ୍ଦୋଳନର ବାର୍ତ୍ତା ଅବିଭକ୍ତ ପୁରୀ ଜିଲ୍ଲାକୁ ଉଦ୍‌ଭାଷିତ କରିବା ସହିତ ସମଗ୍ର ଉତ୍କଳକୁ ଉଦ୍‌ଭାଷିତ କରିଥିଲା। ବଣ ଜଙ୍ଗଲ ପରିବେଷ୍ଟିତ, ଅନ୍ଧାରିମୂଳକ ଗମ୍ଭାରିମୁଣ୍ଡା ପାଇଁ ସେ ଥିଲେ ଆଲୋକବର୍ତ୍ତିକା। ବ୍ୟକ୍ତିଗତ ଜୀବନର ସୁଖ, ସ୍ୱାଚ୍ଛନ୍ଦ୍ୟ, ସାହିତ୍ୟ ସାଧନା ଓ ରାଜନୀତିକୁ ପଛରେ ପକାଇ ସେ ଏ ଅଞ୍ଚଳ ନିର୍ମାଣରେ ହେଲେ ବ୍ରତୀ। ଗମ୍ଭାରୀମୁଣ୍ଡା ପ୍ରାଥମିକ ସ୍କୁଲ, ମାଇନର ସ୍କୁଲ, ହାଇସ୍କୁଲ, ପୋଷ୍ଟ ଅଫିସ୍, କୋପରିଟିଭ ସୋସାଇଟି, ଡ଼ାକ୍ତରଖାନା, ପଶୁଡ଼ାକ୍ତରଖାନ, ସୁନାଖଳା ଛକ ଠାରୁ ଆୟତପୁର ଛକ ପର୍ଯ୍ୟନ୍ତ ରାସ୍ତା ସବୁ ତାଙ୍କର ଅବଦାନ।

ଗମ୍ଭାରିମୁଣ୍ଡା ଅଞ୍ଚଳର ସାମୂହିକ ବିକାଶ ପାଇଁ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ପରଶୁରାମ ହରିଚ଼ନ୍ଦନ ଖଜୁରିଆ ଗ୍ରାମରେ ଏକ କ୍ଲବ ପ୍ରତିଷ୍ଠା କରିଥିଲେ, ଯାହାର ନାମ ରଖାଯାଇଥିଲା 'ଘକ୍ଟଭ-ଷ୍ଟରଭଷ୍ଟର ଚବକ୍ଷବୟସଷ୍ଟର'। ଏହି କ୍ଲବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜସେବା ସହ ଅଞ୍ଚଳର ସାମଗ୍ରିକ ବିକାଶ। ପରବର୍ତ୍ତୀ ସମୟରେ ଗମ୍ଭାରିମୁଣ୍ଡା ଠାରେ ତାଙ୍କ ନେତୃତ୍ୱରେ 'ଗାନ୍ଧୀ କୁଟୀର' ସ୍ଥାପନ ହୋଇଥିଲା। ସେହି ସମୟରେ ପରଶୁରାମ ହରିଚ଼ନ୍ଦନଙ୍କ ନେତୃତ୍ୱରେ ଯୁବ ଅନୁଷ୍ଠାନ 'ପଲ୍ଲୀ ସଂସ୍କୃତି କଳା ପରିଷଦ' ଗଢ଼ି ଉଠିଥିଲା। ଏହି କଳା ପରିଷଦ କେବଳ ଯେ କଳା ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ, ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର, ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ। ଗମ୍ଭାରିମୁଣ୍ଡା ଅଞ୍ଚଳରେ ଶିକ୍ଷାର, ସ୍ୱାସ୍ଥ୍ୟର, ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚ଼େଷ୍ଟା ଚ଼ଳାଇଥିଲେ। ପର୍ଶୁରାମ ହରିଚ଼ନ୍ଦନ ସର୍ବ ପ୍ରଥମେ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତର ? ?

ସରପଞ୍ଚ ଓ ପରବର୍ତ୍ତୀ ସମୟରେ ବାଣପୁର ବ୍ଲକର ଅଧ୍ୟକ୍ଷ ହେଲେ, ତା'ପରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ହେଲେ। ବାଣପୁର ବ୍ଲକର ଅଧ୍ୟକ୍ଷ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ଓ ଉନ୍ନତି କରିଥିଲେ। ସେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରୁଥିଲେ। ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ଼ନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର। ସେ ଅନେକ ନାଟକ ରଚ଼ନା କରିଥିଲେ। ସେହି ନାଟକ ମଧ୍ୟରେ 'ବିପ୍ଳବୀ କୃତ୍ତିବାସ', 'ଛିନାଙ୍ଗୀ','ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର'।

ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ। ବିପ୍ଳବୀ ବୀର କୃତ୍ତିବାସଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ଼ନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ। ଯଦି ପର୍ଶୁରାମ ହରିଚ଼ନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତ୍ରିକାରେ ପ୍ରକାଶ ପାଇନଥାନ୍ତା, ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀରଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିର ଦିନ ପାଇଁ ସମାଧି ଲଭିଥାନ୍ତା। 'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ। କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ପର୍ଶୁରାମ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସାମାଜିକ ପରିଚ଼ିତ, ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ – ଏଥିରେ ଦ୍ୱିମତ ନାହିଁ। ଦିନ ଯାଏ, ଚ଼ିହ୍ନ ରହେ। ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ– କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୁଲା-ଅପାଶୋରା ମୁହଁଟିଏ। ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ। ସେ ଏକାଧାରାରେ ଜଣେ ସୁସଂଗଠକ, ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ, ନିସ୍ୱାର୍ଥପର ଜନସେବକ, ସୁପରାମର୍ଶଦାତା, ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରାର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ଼ନ୍ଦନଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଝାରସୁଗୁଡ଼ା ପ୍ରିମିୟର ଲିଗ୍ : ଟାଉନ୍ ବୀର୍ସ ଚାମ୍ପିଅନ



**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ଏମ୍.ଇ. ସ୍କୁଲ ପଡ଼ିଆଠାରେ ଝାରସୁଗୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମଙ୍ଗଳ ବଜାର ସୁପର କିଙ୍ଗସ୍‌କୁ ପରାସ୍ତ କରି ଝାରସୁଗୁଡ଼ା ଟାଉନ୍ ବୀର୍ସ ଚାମ୍ପିଅନ ହୋଇଛି। ମଙ୍ଗଳ ବଜାର ସୁପର କିଙ୍ଗସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡ଼ା ଟାଉନ ବୀର୍ସ ୧୭.୩ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଅଶ୍ୱିନୀ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ବିବେଚିତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଉଇକେଟ୍ କିପର ଭାବେ ଅରୁଣ ପଣ୍ଡିତ, ଶ୍ରେଷ୍ଠ ଫିଲ୍‌ଡର ମାନସ ରଞ୍ଜନ ମିଶ୍ର, ଶ୍ରେଷ୍ଠ ବ୍ୟାଟର ବିପ୍ଳବ ସାମନ୍ତରାୟ, ଶ୍ରେଷ୍ଠ ବୋଲର ଭାବେ ଅମିତ ଦାସ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଚାମ୍ପିଅନ ଏବଂ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗେଶ ମହାନ୍ତି ଯୋଗଦେଇଥିଲେ। ମ୍ୟାଚ୍‌ରେ ଅମ୍ପାୟାର ଭାବେ ଆଶୁତୋଷ ପାଣି ଓ ଜସବିନ୍ଦର ସିଂହ, ମ୍ୟାଚ୍ ରେଫରି ଭାବେ ପ୍ରଜ୍ଜ୍ୱଳ ପଟେଲ, ସ୍କୋରର ଭାବେ ମହମ୍ମଦ ନାସିର ମଲ୍ଲିକ୍, ଭାଷ୍ୟକାର ଭାବେ ରାକେଶ ବେହେରା, ଏସ୍. ବି. ସିମ୍ରନ କାର୍ଯ୍ୟ ତୁଲାଇଥିଲେ।

# ଆଇପିଏଲ ବେଟିଂରେ ଚଢ଼ଉ : ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୮ ଗିରଫ

**ଝାରସୁଗୁଡ଼ା/ବ୍ରଜରାଜନଗର**

ଝାରସୁଗୁଡ଼ା ଜିଲ୍ଲା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଚଳିତ ଆଇପିଏଲ ୨୦୨୬ ମ୍ୟାଚ୍ ଗୁଡ଼ିକରେ ବେଆଇନ ଅନଲାଇନ କ୍ରିକେଟ ଜୁଆ ଖେଳାଉଥିବା ଏକ ବଡ଼ ସଂଗଠିତ ବେଟିଂ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ପୋଲିସ। ବ୍ରଜରାଜନଗର ଥାନା ଅଞ୍ଚଳରେ ଚାଲିଥିବା ଏହି ହାଇଟେକ୍ ନେଟୱର୍କ ଉପରେ ଚଢ଼ଉ କରି ପୋଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି। ଏ ନେଇ ବ୍ରଜରାଜନଗର ଥାନାରେ କେସ ନମ୍ବର ୧୧୯/୨୬ ରେ ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଝାରସୁଗୁଡ଼ା ବ୍ରଜରାଜ ନଗରର ଗୋବିନ୍ଦ ଦାସ ମହାନ୍ତ, ଆକାଶ ଶ୍ରୀ ବାସ୍ତବ(୨୫), ବିଶାଳ କୁମାର ରବି(୨୭), ମନୁ ସିଂ (୨୫), ଶଙ୍କର ପ୍ରସାଦ ରାମ (୩୫), ରାଜୀବ କୁମାର(୧୯), ଝାରସୁଗୁଡ଼ା ବନ୍ଧେ ଛକର ଭୀମ କୁମାର ରାମ (୩୫), ସୁନ୍ଦରଗଡ଼ ରାଜଗାଙ୍ଗପୁର ରାହୁଲ ସାହୁ।




ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଝାରସୁଗୁଡ଼ା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବ୍ରଜରାଜନଗର ଅଞ୍ଚଳର ଏକାଧିକ ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଅଭିଯୁକ୍ତମାନେ ବ୍ରଜରାଜନଗରରେ ଭଡ଼ା ଘର ନେଇ ଡିଜିଟାଲ ପ୍ଲାଟଫର୍ମ ଏବଂ ମୋବାଇଲ ଆପ୍ଲିକେଶନ ଜରିଆରେ ଏହି ସିଣ୍ଡିକେଟ ଚଲାଉଥିଲେ। ସେମାନେ ଲାପଟପ, ସ୍ମାର୍ଟଫୋନ ଏବଂ ଅନଲାଇନ ଆପ ବ୍ୟବହାର କରି ସିଧାସଳଖ ଲାଇଭ୍ ମ୍ୟାଚ୍ ଟ୍ରେଣ୍ଡ ଏବଂ ଜନସାଧାରଣଙ୍କ ବେଟିଂ ସେଣ୍ଟିମେଣ୍ଟ ଉପରେ ନଜର ରଖୁଥିଲେ ଏବଂ କମିଶନ ଭିତ୍ତିରେ ଏହି ବେଆଇନ କାରବାର କରୁଥିଲେ। ଚଢ଼ଉ ସମୟରେ ପୋଲିସ ଘଟଣାସ୍ଥଳରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସହ ୫ ଲକ୍ଷ ୯ ହଜାର ୧ଶହ ଟଙ୍କା, ୪୧ଟି ସ୍ମାର୍ଟଫୋନ, ୨ଟି ଲ୍ୟାପଟପ୍, ବହୁ ସଂଖ୍ୟାରେ ସିମ କାର୍ଡ, ଡିଜିଟାଲ ବେଟିଂ ଖାତା, ଗୋଟିଏ ଇନୋଭା କ୍ରିଷ୍ଟା କାର୍ ଏବଂ ଗୋଟିଏ ମାରୁତି ବାଲେନୋ କାର୍ ଜବତ କରାଯାଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ର୍ୟାକେଟର ଚେର ଓଡ଼ିଶା ବାହାରକୁ ମଧ୍ୟ ଲମ୍ବିଛି। ଏହାର ଆନ୍ତଃରାଜ୍ୟ ଆର୍ଥିକ କାରବାର ଏବଂ ଉପରସ୍ତରର ମାଷ୍ଟରମାଇଣ୍ଡ ମାନଙ୍କ ସହ ସମ୍ପର୍କ ରହିଛି। ସାଧାରଣ ଲୋକଙ୍କୁ ସହଜରେ ଏବଂ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ପ୍ରଲୋଭନ ଦେଖାଇ ଏମାନେ ଜୁଆ ଖେଳରେ ବୁଡ଼ାଇ ରଖୁଥିଲେ, ଯାହାଦ୍ୱାରା ଅନେକ ପରିବାର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିଲେ। ଝାରସୁଗୁଡ଼ା ପୋଲିସ ତୁରନ୍ତ ଏହାର ଆର୍ଥିକ କାରବାରର ଅନୁସନ୍ଧାନ କରି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୩.୭ ଲକ୍ଷ ଟଙ୍କାକୁ ଫ୍ରିଜ୍ କରିଦିଆଯାଇଛି।

# ଇରାନର ବଡ଼ ଅନୁରୋଧ ରଖିଲା ଫିଫା

**ତେହରାନ**



ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁଥିବା ଫିଫା ବିଶ୍ୱକପ୍ ଲାଗି ଇରାନ ପକ୍ଷରୁ ଦଳର ଟ୍ରେନିଂ କ୍ୟାମ୍ପ ଆମେରିକାରୁ ମେକ୍ସିକୋକୁ ସ୍ଥାନାନ୍ତର କରିବା ଲାଗି କରାଯାଇଥିବା ଅନୁରୋଧକୁ ଫିଫା ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି। ଏଥିଯୋଗୁ ଇରାନ ଆମେରିକାର ଆରିଜୋନା ବଦଳରେ ମେକ୍ସିକୋର ତିଜୁଆନାଠାରେ ଟ୍ରେନିଂ କ୍ୟାମ୍ପ କରିବ। ଆମେରିକାରେ ଟ୍ରାଭେଲ କଟକଣା ଓ ଭିଜା ସମ୍ପର୍କିତ ସମସ୍ୟାକୁ ନେଇ ଇରାନ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା।ଫିଫାର ଏହି ନିଷ୍ପତ୍ତି ସମ୍ପର୍କରେ ଫୁଟବଲ ଫେଡେରେସନ ଇସଲାମିକ ରିପବ୍ଲିକ ଅଫ୍ ଇରାନ (ଏଫ୍‌ଏଫ୍‌ଆଇଆରଆଇ) ସଭାପତି ମେହଦି ତାଜ କହିଛନ୍ତି। ତିଜୁଆନାଠାରେ କ୍ୟାମ୍ପ କରିବା ଦ୍ୱାରା ଦଳୀୟ ଖେଳାଳିଙ୍କ ଟ୍ରାଭେଲ ବ୍ୟବସ୍ଥା ସରଳ ହୋଇପାରିବ ଏବଂ ଇରାନ ଏଆର ଦ୍ୱାରା ପରିଚାଳତ ଫ୍ଲାଇଟ୍‌ର ଫାଇଦା ମଧ୍ୟ ନେଇପାରିବ। ତିଜୁଆନା ଆମେରିକା ସୀମାନ୍ତ ସାନ ଡିଏଗୋ ସହର ନିକଟତର ହୋଇଥିବାରୁ ଇରାନ ଦଳ ମାତ୍ର ଏକ ଘଣ୍ଟ ମଧ୍ୟରେ ଗ୍ରୁପ ମ୍ୟାଚ୍ ପାଇଁ ଲସଏଞ୍ଜେଲ୍ସ ପହଞ୍ଚିପାରିବ।

# ଏସଆରଏଚ୍ ହେବ ଆଇପିଏଲ ଚାମ୍ପିଅନ : ଅକ୍ଷର ପଟେଲ

**ନୂଆଦିଲ୍ଲୀ**

ଆରସିବି, ଜିଟି, ଏସଆରଏଚ, ଆରଆର ଚଳିତ ଆଇପିଏଲ ୨୦୨୬ର ପ୍ଲେଅଫରେ ସ୍ଥାନ ପାଇଛନ୍ତି। କିନ୍ତୁ ଏହି ୪ଟି ଦଳ ମଧ୍ୟରୁ କିଏ ବିଜୟୀ ହେବ ? ଆଇପିଏଲ ଟ୍ରଫି କିଏ ଜିତିବ ? ଏହି ପ୍ରଶ୍ନର ଉତ୍ତର କେବଳ ମେ' ୩୧ ତାରିଖରେ ଜଣାପଡ଼ିବ। କିନ୍ତୁ ଏହା ପୂର୍ବରୁ, ବିଜେତାଙ୍କ ନାମ ସମ୍ପର୍କରେ ଏକ ଭବିଷ୍ୟବାଣୀ କରାଯାଇଛି। ଏହି ଭବିଷ୍ୟବାଣୀ କୌଣସି ସନ୍ଥ କିମ୍ବା ଜ୍ୟୋତିଷଙ୍କ ଦ୍ୱାରା ନୁହେଁ, ବରଂ ଭାରତୀୟ କ୍ରିକେଟର ବାପୁଙ୍କ ଦ୍ୱାରା କରାଯାଇଛି। ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲଙ୍କ ଡାକ ନାମ ବାପୁ। ଆଇପିଏଲ ୨୦୨୬ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ଦଳ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲଙ୍କୁ କେକେଆର ବିପକ୍ଷରେ ଶେଷ ଗ୍ରୁପ୍ ମ୍ୟାଚ୍ ପରେ ଚାମ୍ପିଅନ୍ ଦଳ ବିଷୟରେ ପଚରା ଯାଇଥିଲା। ଯାହାର ଉତ୍ତର ସେ ଚାମ୍ପିଅନ୍ ଟିମ୍ ନାମ କହିବା ସହିତ କାହିଁକି ଦଳ ଦାବିଦାର ବୋଲି କହିଛନ୍ତି। ଅକ୍ଷର ପଟେଲଙ୍କ ଆକଳନରେ ଏସଅରଏଚ୍ ଚାମ୍ପିଅନ୍- ମ୍ୟାଚ୍ ପରେ ଉପସ୍ଥାପନା ସମୟରେ, ମୁରଲୀ କାର୍ତ୍ତିକ ୪ଟି ଦଳ ବିପକ୍ଷରେ ଖେଳିଥିବା ଅକ୍ଷର ପଟେଲଙ୍କୁ ପଚାରିଲେ ଯେ କେଉଁ ଦଳ ଟାଇଟଲ ଜିତିବ ବୋଲି ସେ ଭାବୁଛନ୍ତି। ଅକ୍ଷର ପଟେଲ ସନରାଇଜର୍ସ ହାଇଦ୍ରାବାଦର ନାମ ଦେଇଥିଲେ। ଅକ୍ଷର ପଟେଲ ତାଙ୍କ ଅଭିଜ୍ଞତା ଆଧାରରେ ସନରାଇଜର୍ସ ହାଇଦ୍ରାବାଦକୁ କେବଳ ଚାମ୍ପିଅନ୍ ଭାବରେ ମୂଲ୍ୟାଙ୍କନ କରିନଥିଲେ, ବରଂ ସେ କାହିଁକି ସେମାନଙ୍କୁ ସମର୍ଥନ କରିଥିଲେ ତାହାର ଗୁରୁତ୍ୱପୂର୍ଣ୍ଣ କାରଣ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ, ଯେତେବେଳେ ଦଳର ଶ୍ରେଷ୍ଠ ୩ ଜଣ ରନ କରନ୍ତି, ସେତେବେଳେ ସେମାନଙ୍କୁ ଅଟକାଇବା କଷ୍ଟକର ହୋଇପଡ଼େ।



ସନରାଇଜର୍ସ ହାଇଦ୍ରାବାଦ ବିଜୟ ନେଇ ଅକ୍ଷର ପଟେଲଙ୍କ ଭବିଷ୍ୟବାଣୀକୁ ସୋସିଆଲ ମିଡିଆରେ ଶିରୋନାମା ସୃଷ୍ଟି କରୁଥିବା ଏକ ପରିସଂଖ୍ୟାନ ଆହୁରି ଦୃଢ଼ କରିଛି। ଆଇପିଏଲ ପ୍ଲେଅଫ୍ ଆରମ୍ଭ ହେବା ପରଠାରୁ, କେବଳ ଥରେ ଶ୍ରେଷ୍ଠ ଦୁଇ ଦଳ ବାହାରେ ଥିବା କୌଣସି ଦଳ ଆଇପିଏଲ ଟାଇଟଲ ଜିତିଛି। ସେହି ଦଳ ଥିଲା ସନରାଇଜର୍ସ ହାଇଦ୍ରାବାଦ। ଅରେଞ୍ଜ ଆର୍ମି ଭାବରେ ଜଣାଶୁଣା ଏସଆରଏଚ ୨୦୧୬ରେ ଏହି ସଫଳତା ହାସଲ କରିଥିଲା।

୧୦ ବର୍ଷ ପରେ ରିପିଟ୍ ହେବ କି ଇତିହାସ ? ଯଦି ସନରାଇଜର୍ସ ହାଇଦ୍ରାବାଦ ୧୦ ବର୍ଷ ପରେ ସେମାନଙ୍କର ଆଇପିଏଲ ସଫଳତା ଦୋହରାଇଥାଏ, ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ୨୦୧୬ରେ, ଏସଆରଏଚ ଅଷ୍ଟ୍ରେଲିୟ ଅଧିନାୟକ ଡେଭିଡ୍ ୱାର୍ଣ୍ଣରଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା ଏବଂ ୨୦୨୬ରେ, ସେମାନଙ୍କର ଅଧିନାୟକ ମଧ୍ୟ ଅଷ୍ଟ୍ରେଲିୟ ପ୍ୟାଟ୍ କମିନ୍ସ।

# ଖେଳୁଥିଲେ ମ୍ୟାଚ୍ ଆସିଲା ହାର୍ଟ ଆଟାକ୍ ପିଚ୍‌ରେ ଟଳି ପଡ଼ିଲେ ୩୯ ବର୍ଷୀୟ କ୍ରିକେଟର




**ନୂଆଦିଲ୍ଲୀ**

କ୍ରିକେଟ ଜଗତରୁ ଆସିଲା ଦୁଃଖଦ ଖବର। ପଡିଆରେ ଟଳି ପଡ଼ିଲେ ୩୯ ବର୍ଷୀୟ କ୍ରିକେଟର। ଏକ କ୍ଲବ୍ ମ୍ୟାଚ୍ ସମୟରେ ହୃଦ୍‌ଘାତରେ ପୂର୍ବତନ ଦ୍ରୁତ ବୋଲର ଏସ୍.ଏଲ୍. ଅକ୍ଷୟଙ୍କ ଦେହାନ୍ତ ହୋଇଛି। ତାଙ୍କୁ ମାତ୍ର ୩୯ ବର୍ଷ ବୟସ ହୋଇଥିଲା। ଅକ୍ଷୟ ବେଙ୍ଗାଲୁରୁରେ ଏକ କେଏସସିଏ ତୃତୀୟ ଡିଭିଜନ ଲିଗ୍ ମ୍ୟାଚରେ ସାଙ୍ଘାୟାର ସିସି ପାଇଁ ଖେଳୁଥିଲେ। ସେ ମ୍ୟାଚ୍ ସମୟରେ ୪ ଓଭର ବୋଲିଂ କରିଥିଲେ, କିନ୍ତୁ ହଠାତ୍ ସେ ଅସହଜ ଅନୁଭବ କଲେ ଏବଂ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତରମାନେ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ଅକ୍ଷୟ ୨୦୧୪-୧୫ ସିଜିନରେ ରଣଜୀ ଟ୍ରଫି ଜିତିଥିବା ଦୃଢ଼ କର୍ଣ୍ଣାଟକ ଦଳର ଅଂଶ ଥିଲେ। ସେ ତାଙ୍କର ଦ୍ରୁତ ବୋଲିଂ ଦ୍ୱାରା ଘରୋଇ କ୍ରିକେଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ କର୍ଣ୍ଣାଟକ ଅଣ୍ଡର-୧୯ ଦଳ ସହିତ ଯୁବ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଏବଂ ବିକାଶ କରିବାରେ ସକ୍ରିୟ ଭାବରେ ଜଡ଼ିତ ଥିଲେ।

ଅକ୍ଷୟଙ୍କ ବିୟୋଗରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସସିଏ) ଗଭୀର ଦୁଃଖ ପ୍ରକାଶ କରିଛି। ଏକ ବିବୃତ୍ତିରେ, କେଏସସିଏ କହିଛି ଯେ ଅକ୍ଷୟ ଜଣେ ଖେଳାଳି ଏବଂ ପ୍ରଶିକ୍ଷକ ଭାବରେ କର୍ଣ୍ଣାଟକ କ୍ରିକେଟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଯୁବ କ୍ରିକେଟରଙ୍କ ବିକାଶରେ ତାଙ୍କର ଭୂମିକା ସର୍ବଦା ମନେ ରହିବ। ଅକ୍ଷୟଙ୍କ ଆକସ୍ମିକ ବିୟୋଗ ଖବର କର୍ଣ୍ଣାଟକ କ୍ରିକେଟ୍ ସମ୍ପ୍ରଦାୟ ଉପରେ ଦୁଃଖର ଛାୟା ଖେଳିଯାଇଛି। ଅନେକ ଖେଳାଳି ଏବଂ କ୍ରିକେଟ ପ୍ରଶଂସକ ସୋସିଆଲ ମିଡିଆରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ମେସି ଆହତ : ଅଧାରୁ ଛାଡ଼ିଲେ ପଡ଼ିଆ



**ମାୟାମି**

ଫୁଟ୍‌ବଲ ବିଶ୍ୱକପ୍‌କୁ ଆଉ ଅଳ୍ପ କିଛି ଦିନ ଥିବାବେଳେ ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟ୍‌ବଲ ତାରକା ଲିଓନେଲ୍ ମେସି ଆହତ ହେବା ନେଇ ଚିନ୍ତା ପ୍ରକାଶ ପାଇଛି। ରବିବାର ମାୟାମିଠାରେ ଅନୁଷ୍ଠିତ ଇଣ୍ଟର ମାୟାମି-ଫିଲାଡେଲ୍‌ଫିଆ ୟୁନିଅନ୍ ମ୍ୟାଚ୍‌ରେ ସେ ଆହତ ଜନିତ କାରଣରୁ ଅଧାରୁ ପଡ଼ିଆ ଛାଡ଼ିଥିଲେ। ପଡ଼ିଆ ଛାଡ଼ିବା ସମୟରେ ତାଙ୍କ ବାମ ଗୋଡ଼ରେ ସେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଥିଲା।

ଏହି ମ୍ୟାଚ୍‌ରେ ମେସିଙ୍କ ଦଳ ଇଣ୍ଟର ମାୟାମି ୬-୪ରେ ବିଜୟ ହାସଲ କରିଥିଲେ ବି ମେସିଙ୍କ ଏପରି ଅଧାରୁ ପଡ଼ିଆ ଛାଡ଼ିବା କେବଳ ଆର୍ଜେଣ୍ଟିନା ନୁହେଁ ସମଗ୍ର ବିଶ୍ୱର ଫୁଟ୍‌ବଲପ୍ରେମୀଙ୍କୁ ଚିନ୍ତିତ କରିଛି। ତେବେ ମେସିଙ୍କ ଆହତ କେତେ ଗୁରୁତର ସେ ନେଇ ଏପର୍ଯ୍ୟନ୍ତ ଇଣ୍ଟର ମାୟାମି କିମ୍ବା ଆର୍ଜେଣ୍ଟିନା ଦଳ ପକ୍ଷରୁ କୌଣସି ସୂଚନା ମିଳିନାହିଁ। କିନ୍ତୁ ସେ ବିଗତ କିଛି ସପ୍ତାହ ହେଲା ନିଜର ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ଇଣ୍ଟର ମାୟାମିର କେତେକ ମ୍ୟାଚ୍ ଖେଳିପାରିନଥିଲେ। ବିଶ୍ୱଚାମ୍ପିଅନ୍ ଆର୍ଜେଣ୍ଟିନା ପକ୍ଷରୁ ଆସନ୍ତା ସପ୍ତାହରେ ବିଶ୍ୱକପ୍ ପାଇଁ ଦଳ ଘୋଷଣା ହେବାକୁ ଥିବାବେଳେ ମେସି ଆହତ ହେବା ଚିନ୍ତାର କାରଣ ହୋଇଛି।

# ୩ ଖେଳାଳିଙ୍କ ମୁଣ୍ଡରେ ଚପଲ ମାରିବାକୁ କହିଲେ ଯୁବରାଜ ସିଂହ

**ନୂଆଦିଲ୍ଲୀ**



ଚଳିତ ଆଇପିଏଲର ପ୍ଲେ-ଅଫ୍ ଲାଇନଅପ୍ ଚୂଡ଼ାନ୍ତ ହୋଇସାରିଛି। ଆରବିସି, ଗୁଜରାଟ, ହାଇଦ୍ରାବାଦ ଏବଂ ରାଜସ୍ଥାନ ପ୍ଲେ-ଅଫକୁ ଯୋଗ୍ୟତା ହାସଲ କରିଛନ୍ତି। ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିବା ପଞ୍ଜାବ କିଙ୍ଗସ୍ ପ୍ଲେ-ଅଫରୁ ବିଦା ହୋଇଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂହ ଭିନ୍ନ ମନୋଭାବରେ ଥିବା ଦେଖାଇଛନ୍ତି। ସେ ତିନି ଜଣ ଆଇପିଏଲ ଖେଳାଳିଙ୍କୁ ଚପଲରେ ମାରିବା ବିଷୟରେ କହି ସମାଲୋଚନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବରାଜ ସୋସିଆଲ ମିଡିଆରେ ଖୋଲାଖୋଲି ଭାବରେ ସେହି ଖେଳାଳିମାନଙ୍କୁ ଚପଲରେ ମାରିବା ବିଷୟରେ କହିଛନ୍ତି।

ଯୁବରାଜ ସିଂହ ଯେଉଁ ତିନି ଜଣ ଖେଳାଳିଙ୍କ ଉପରେ ଏପରି ମନ୍ତବ୍ୟ ଦେଇଛନ୍ତି ସେମାନଙ୍କ ଦଳ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କର ଶିଷ୍ୟ ଏବଂ ଅନ୍ୟ ଦୁଇଜଣ ହୁଏତ ଯୁବରାଜ ସିଂହଙ୍କ ସହିତ ତାଲିମ ନେଇ ନାହାନ୍ତି, କିନ୍ତୁ ସେମାନଙ୍କର ନିଶ୍ଚିତ ଭାବରେ ପଞ୍ଜାବ ଟିମ୍‌ର। ଯୁବରାଜ ସିଂହ ପ୍ରିୟାଂଶ ଆର୍ଯ୍ୟ, ଅର୍ଶଦୀପ ସିଂହ ଏବଂ ହରପ୍ରୀତ ବ୍ରାରଙ୍କୁ ଚପଲରେ ମାରିବା ବିଷୟରେ କହିଛନ୍ତି। ପ୍ରିୟାଂଶ ଆର୍ଯ୍ୟ, ଅର୍ଶଦୀପ ସିଂହ ଏବଂ ହରପ୍ରୀତ ବ୍ରାର ଏହି ତିନି ଜଣ ଖେଳାଳି ଚଳିତ ଆଇପିଏଲରେ ପଞ୍ଜାବ କିଙ୍ଗ୍‌ସର ଅଂଶ ଥିଲେ। ଗତ ସିଜିନରେ ପଞ୍ଜାବ ଉପବିଜେତା ରହିଥିଲା। ଏଥର ଭଲ ଆରମ୍ଭ କରି ବି ଶେଷ ଆଡ଼କୁ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି।

ଏବେ ପ୍ରଶ୍ନ ହେଉଛି, ଯୁବରାଜ ସିଂହ କେବେ ତିନି ଜଣ ଖେଳାଳିଙ୍କୁ ତାଙ୍କ ଚପଲରେ ମାରିବା ବିଷୟରେ କହିଥିଲେ ? ଏହା ସେତେବେଳେ ଘଟିଥିଲା ଯେତେବେଳେ ହରପ୍ରୀତ ବ୍ରାର ପ୍ରିୟାଂଶ ଆର୍ଯ୍ୟ ଏବଂ ଅର୍ଶଦୀପ ସିଂହଙ୍କ ଫଟୋ ସେୟାର କରିଥିଲେ। ହରପ୍ରୀତ ପ୍ରିୟାଂଶଙ୍କୁ ଜଣେ ସ୍ଲୋଗର ଏବଂ ଅର୍ଶଦୀପଙ୍କୁ ଜଣେ ବ୍ଲଗର ବୋଲି ବର୍ଣ୍ଣନା କରିଥିଲେ। ଯୁବରାଜ ସିଂହ ସେହି ଫଟୋ ଉପରେ ମନ୍ତବ୍ୟ ଦେଇ ଲେଖିଛନ୍ତି, 'ତୁମ ସମସ୍ତଙ୍କୁ ଚପଲରେ ମାରିବାର ସମୟ ଆସିଛି।'

ଏହି ଖେଳାଳିଙ୍କ ଦଳ ପଞ୍ଜାବ କିଙ୍ଗସ୍ ପ୍ଲେଅଫରେ ପହଞ୍ଚିପାରି ନାହିଁ। ସେମାନଙ୍କ ପ୍ରଦର୍ଶନ କଥା କହିବାକୁ ଗଲେ କେବଳ ପ୍ରିୟାଂଶ ଆର୍ଯ୍ୟଙ୍କ ପ୍ରଦର୍ଶନ କିଛିଟା ଭଲ ରହିଥିଲା। ପ୍ରିୟାଂଶ ଆର୍ଯ୍ୟ ୧୩ଟିରେ ୨୧୧ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ୩୬୪ରନ୍ କରିଛନ୍ତି। ଅର୍ଶଦୀପ ସିଂହ ୧୪ ମ୍ୟାଚରେ ମାତ୍ର ୧୪ ୱିକେଟ୍ ନେଇଛନ୍ତି। ୩୮.୬୪ ହାରରେ ୫୪୧ ରନ୍ ଏବଂ ୧୦.୨୦ ଇକୋନୋମିରେ ୫୪୧ ରନ୍ ଦେଇଛନ୍ତି। ଏହି ସମୟରେ ହରପ୍ରୀତ୍ ବ୍ରାର ଦୁଇଟି ମ୍ୟାଚ୍ ଖେଳି ଦୁଇଟି ୱିକେଟ୍ ନେଇଛନ୍ତି।

# ଓଏସପିସିବି-ଉତ୍କଳ ଆଦିତ୍ୟ ରିଫାଇନେରୀ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

**ଟିକିରୀ, ନ୍ୟୁଜ୍ ବ୍ୟୁରୋ**



ରାୟଗଡ଼ା ଜିଲ୍ଲାଟି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଉତ୍କଳ ଆଲୁମିନା, ଉତ୍କଳ ଆଦିତ୍ୟ ରିଫାଇନେରୀ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଓଏସପିସିବି) ମଧ୍ୟରେ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଅଭିଯାନ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସ୍ଥାନୀୟ ଓଷାପଡ଼ା ସ୍ଥିତ ଟାଉନସିପ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ୨୦ ଓଭର ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସିତିକାନ୍ତ ସାହୁ, ବଲାଙ୍ଗିର ଆଞ୍ଚଳିକ ଅଧିକାରୀ ବବିତା ସିଂ, ପରିବେଶ ଯନ୍ତ୍ରୀ ଶ୍ରୀ ଦେବବ୍ରତ ସେଠୀ, ବରିଷ୍ଠ ପରିବେଶ ଯନ୍ତ୍ରୀ ସନ୍ତୋଷ ପଣ୍ଡା, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ, ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ, ରାୟଗଡ଼ା ଆଞ୍ଚଳିକ ଅଧିକାରୀ ଅଶୋକ କୁମାର ଭୋଇ, ରାୟଗଡ଼ା ଉପ-ଯନ୍ତ୍ରୀ ରେପୁ କୁମାର ସାହୁ, ୟୁଆଇଏଏଲ ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଓ ଆଦିତ୍ୟ ରିଫାଇନେରୀର ପ୍ରୋଜେକ୍ଟ ମୁଖ୍ୟ ମଜହର ବେଗ୍ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପ୍ରଦୂଷଣ ଜନିତ ବିପଦକୁ ହ୍ରାସ କରିବା, ପଲିଥିନ୍ ବ୍ୟବହାରକୁ ନିରୁତ୍ସାହିତ କରିବା ଓ ପ୍ରାକୃତିକ ସମ୍ପଦର ସୁବିବେଚିତ ବ୍ୟବହାର ମାଧ୍ୟମରେ ପରିବେଶର ସୁରକ୍ଷା କରି ଏକ ସ୍ଥାୟୀ ଭବିଷ୍ୟତ ଗଢ଼ି ତୋଳିବା ଆବଶ୍ୟକ। ବରିଷ୍ଠ ପରିବେଶ ଯନ୍ତ୍ରୀ ଦିଲୀପ ଦାସ ମଧ୍ୟ ସମାବେଶକୁ ସମ୍ବୋଧିତ କରି ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସମ୍ଭବ ଥିଲେ ଗାଡ଼ି ପରିବର୍ତ୍ତେ ସାଇକେଲ୍ ବ୍ୟବହାରକୁ ଉତ୍ସାହିତ କରିଥିଲେ।

ମ୍ୟାଚ୍‌ରେ ଓଏସପିସିବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯୪ ରନ୍ ସଂଗ୍ରହ କରିଥିଲା। ପରବର୍ତ୍ତୀ ସମୟରେ ଉତ୍କଳ ଆଦିତ୍ୟ ରିଫାଇନେରୀ ଦଳ ଜୋରଦାର ପ୍ରୟାସ କରିଥିଲେ ମଧ ମାତ୍ର ୩ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ମ୍ୟାଚ୍‌ଟି ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଓଏସପିସିବିର ପ୍ରାୟ ୫୦ ଜଣ ସଦସ୍ୟ ଯୋଗ ଦେଇଥିବା ବେଳେ ଉତ୍କଳ ଆଦିତ୍ୟ ରିଫାଇନେରୀ ପକ୍ଷରୁ ନାରାୟଣ ମିତ୍ର, କିରଣ ନାୟକ, ସମୀର ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିବେଶ ବିଭାଗର ସୁରେନ୍ଦ୍ର ସିଓରାନ, ଚନ୍ଦନ ଚୌଧୁରୀ, ସୁବ୍ରମଣ୍ୟ କୁଣ୍ଡ ଓ ଅନ୍ୟ ସଦସ୍ୟମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସମସ୍ତ ଅତିଥିମାନେ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେଇଥିଲେ। ଏହି ପଦକ୍ଷେପ ଉତ୍କଳ ଆଲୁମିନା ଓ ଆଦିତ୍ୟ ରିଫାଇନେରୀର ପରିବେଶ ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଓ ସମସ୍ତ ହିତଧାରୀଙ୍କ ସହ ସହଯୋଗମୂଳକ ସମ୍ପର୍କର ପ୍ରତିଫଳନ ପ୍ରମାଣିତ କରିଛି।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁର ଶନି ଘାଟରେ ଚିତ୍ରୋତ୍ପଳା ନଦୀରୁ ବିଳମ୍ବିତ ରାତିରେ ବେଆଇନଭାବେ ବାଲି ଉଠାଇ ଚାଲାଣ କରୁଥିବା ଏକ ଟ୍ରାକ୍ଟର ଚିତ୍ରୋତ୍ପଳା ଦକ୍ଷିଣ କେନାଲ ମଧ୍ୟକୁ ଓଲଟି ପଡ଼ିବାରୁ ଡ୍ରାଇଭରର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଚିତ୍ରୋତ୍ପଳା ନଦୀରୁ ରବିବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଚୋରାରେ ବାଲି ଉଠାଇ ଆଣୁଥିବା ବେଳେ ଭାରସାମ୍ୟ ହରାଇ କେନାଲକୁ ଖସି ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଲକ୍ଷ୍ମୀଧର ଭୋଇ ଟ୍ରାକ୍ଟର ତଳେ ଚାପିହୋଇରହିଥିଲା। ସ୍ଥାନୀୟ ଲୋକେ ଗୁରୁତର ଡ୍ରାଇଭରକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ବରଣ କରିଥିବା ଯୁବକର ଘର ଜନାର୍ଦ୍ଦନପୁର ପଞ୍ଚାୟତ କେଉଟୁଲୀ ଗ୍ରାମରେ ବିପନ ଭୋଇଙ୍କ ପୁଅ ଲକ୍ଷ୍ମୀଧର ବୋଲି ସୂଚନା ମିଳିଛି। ସେ ଜଣେ ନବ ବିବାହିତ ଯୁବକ ଥିବା କୁହାଯାଉଛି। ନେମାଳ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।




**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ-8-2F/390 ଟିକୁ ଶ୍ରୀ ବସନ୍ତ କୁମାର ନାୟକ, ପିତା-ପ୍ରଭାକର ନାୟକ, ସା-ଗୋବିନ୍ଦପୁର, ପୋ-ସିଧଗିରି, ଥା- ଟାଙ୍ଗି, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବସନ୍ତ କୁମାର ନାୟକ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ପତ୍ନୀ ଶ୍ରୀମତୀ କିରଣବାଳା ନାୟକ, ସ୍ୱାମୀ-୰ବସନ୍ତ କୁମାର ନାୟକ, ସା-ହାଉସ ନଂ-୨୨୨-୧୪୬, ରୁଚିକା ଲେନ୍, ସିଡିଏ ରୋଡ, ଅନାଥ ଆଶ୍ରମ ପାଖ, ବିଡ଼ାନାସୀ, ପୋ-କଟକ ସଦର, ଥା- ବିଡ଼ାନାସୀ, ଜିଲ୍ଲା-କଟକ-୭୫୩୦୧୪ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)


# ଦଶରଥପୁର ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରା ଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ୧୦ ଜଣଙ୍କୁ ମିଳିଲା ମଧୁବାବୁ ପେନସନ ସହାୟତା କାର୍ଡ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଉପ ଜିଲ୍ଲାପାଳ ଶରତ ମାଝୀ, ବ୍ଲକ୍ ଅଧକ୍ଷ ଗୁପ୍ତ ଝାଙ୍କର, ଡିଏମଓ ଡ ସୁକାନ୍ତ ଚନ୍ଦ୍ର ଶତପଥୀ, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର, ବିଡିଓ ରିତୁ ସିଂ, ତହସିଲଦାର ମନମୋହନ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୭ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଶିବିରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୦ ଜଣଙ୍କୁ ମଧୁବାବୁ ପେନସନ ସହାୟତା କାର୍ଡ, ୧ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ଅନ୍ତୋଦୟ ଗୃହ ଯୋଜନାର ୬ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଗଲା।



# ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ କୃତୀ ବିଦ୍ୟାର୍ଥୀ ସମ୍ମାନ ସମାରୋହ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରତିବର୍ଷ ଭଳି ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଧ୍ୟମିକ (୧୦ମ ଶ୍ରେଣୀ) ପରୀକ୍ଷାରେ ଶ୍ରେଷ୍ଠ ବିବେଚିତ ମାହାଙ୍ଗା ଓ ନିଶ୍ଚିନ୍ତ କୋଇଲି ମଣ୍ଡଳ ସ୍ତରୀୟ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଉପଢୌକନ ପ୍ରଶଂସା ପତ୍ର ଓ ପ୍ରୋତ୍ସାହନ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ବନ୍ତଳା ଗ୍ରାମସ୍ଥିତ କୃଷି ଉତ୍କର୍ଷ କେନ୍ଦ୍ର ପରିସରରେ ଫାଉଣ୍ଡେସନର ଅଧ୍ୟକ୍ଷ ପୂର୍ବତନ ଆୟକର କମିଶନର ଶୋଭନ କର ପୌରହିତ୍ୟ କରିଥିଲେ । ପ୍ରାକ୍ତନ ପ୍ରଶାସକ ତଥା ରେଭେନ୍ସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ନିବନ୍ଧକ ଅଶୋକ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଗଣିତଜ୍ଞ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଅଧ୍ୟକ୍ଷ ଓ ଅତିଥି ମାନେ ଏହି ଭବ୍ୟ ସମାରୋହକୁ ଉଦ୍ ଘାଟନ କରିଥିଲେ । ଏହାପରେ ରାଜ୍ୟ ସଙ୍ଗୀତ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇ ଥିଲା । ନିର୍ଭୀକ ସମ୍ପାଦକ ଶ୍ରୀ ଅବନୀ ଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ସହିତ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉତ୍ସବର ଅଧ୍ୟକ୍ଷ ଶୋଭନ କର ଉପସ୍ଥିତ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଉଚ୍ଚ ଅଭିଳାଷ ରଖି ଆଗାମୀ ଦିନରେ ଅଧିକ କୃତିତ୍ୱ ପ୍ରଦର୍ଶନ ଲାଗି ପ୍ରଯତ୍ନ ହେବାକୁ ପରାମର୍ଶ ଦେଇଥିଲେ । ମାହାଙ୍ଗା ବ୍ଲକ୍ ଅଧିନସ୍ଥ ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁକ୍ଳେଶ୍ୱର ସ୍ଥିତ ଭଗବତୀ ବିଦ୍ୟାପୀଠ, ବ୍ରାହ୍ମଣ ମଣିଯୋରି ସ୍ଥିତ ରଘୁନାଥ ଜିୟୁ ପଞ୍ଚାୟତ ବିଦ୍ୟାପୀଠ, କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମ, କୋଳିଅଠା ସ୍ଥିତ ବାସନ୍ତୀ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ, ଭେଡ଼ା ଗ୍ରାମର ଚୌଧୁରୀ ରାଧାନାଥ ବିଦ୍ୟାପୀଠ, ମାହାଙ୍ଗା ସ୍ଥିତ ମହାବୀର ସରକାରୀ ହାଇ ସ୍କୁଲ, ଏରକଣା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୪ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ହଳଦିଆ ହାଇ ସ୍କୁଲ୍‌ର ଛାତ୍ର ଶ୍ରୀମାନ ଜନ୍ମେଜୟ ମହାନ୍ତି ସାରା ରାଜ୍ୟ ରେ ପ୍ରଥମ ୧୦ ଜଣ ଙ୍କ ମଧ୍ୟରେ ୩ୟ ଏବଂ ମାହାଙ୍ଗା ମଣ୍ଡଳ ସ୍ତରରେ ତଥା କଟକ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟରାଜ ନାୟକ - ୨ୟ, ସାହିଲ ରଞ୍ଜନ ଓଝା - ୩ୟ, ତେଜସ୍ୱିନୀ ଲେଙ୍କା - ୪ର୍ଥ, ତନ୍ ବୀର ସାହୁ - ୫ମରେ ସ୍ଥାନିତ ହୋଇଥିବା ବେଳେ ୬ଷ୍ଠ ସ୍ଥାନରେ ୯ ଜଣ ଯଥାକ୍ରମେ ବିଜୟା ଲକ୍ଷ୍ମୀ ସାହୁ, ଅନନ୍ୟା ବଳ, ଶୁଭ ଲକ୍ଷ୍ମୀ ମିଶ୍ର, ଓମ୍ ଶ୍ରୀରାମ ଓଝା, ସୁଦୀପ୍ତା ସାହୁ, ପାର୍ଥ ପ୍ରୀତମ୍ ସାହୁ, ସାଇ ବନ୍ଦିତା ପରିଡ଼ା, ପ୍ରିୟବ୍ରତ ବେହେରା ଓ ନନ୍ଦିତା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ସମସ୍ତଙ୍କୁ ଉପଢୌକନ, ପ୍ରଶଂସା ପତ୍ର ଏବଂ ପ୍ରୋତ୍ସାହନ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସେହି ପରି ନିଶ୍ଚିନ୍ତ କୋଇଲି ବ୍ଲକ୍ ଅଧିନସ୍ଥ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ, ଦେମାଣ୍ଡୋ ର ଛାତ୍ରୀ ଆଦ୍ୟାଶା ଦାଶ ମଣ୍ଡଳ ସ୍ତରୀୟ ପ୍ରଥମ ସ୍ଥାନ ଏବଂ କଲରା ବାଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ନେହାଶିଷ ମହାପାତ୍ର ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଫାଉଣ୍ଡେସନ ତରଫରୁ ପ୍ରଥମ କରି ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଧ୍ୟମିକ ୧୦ମ ଶ୍ରେଣୀ ପରୀକ୍ଷାରେ ମାହାଙ୍ଗା ଅଞ୍ଚଳର ଶିପୁରା ସ୍ଥିତ ନବ ପ୍ରଭାତ ଇଣ୍ଟର ନ୍ୟାସନାଲ ସ୍କୁଲ୍‌ର ଛାତ୍ର ସ୍ୱାଭିମାନ ସାହୁଙ୍କୁ ମଧ୍ୟ କୃତୀ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଲିଡ଼ାରିଡ଼ାଡ'ର ଓଡ଼ିଶା ମୁଖ୍ୟ ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାର୍ଥୀ ମାନଙ୍କ ଅଭିଭାବକ ଙ୍କ ସମେତ ମାହାଙ୍ଗା ନିଶ୍ଚିନ୍ତ କୋଇଲି ଅଞ୍ଚଳର ଶତାଧିକ ମୁରବୀ, ବୁଦ୍ଧିଜୀବୀ, ସଂଗଠକ, ଶିକ୍ଷକ ଏବଂ ସ୍ଥାନୀୟ ଶିକ୍ଷା ପ୍ରେମୀ ଜନସାଧାରଣ ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶରତ କର ଓ ଅନିମା କର ଫାଉଣ୍ଡେସନ କୃଷି ଉତ୍କର୍ଷ କେନ୍ଦ୍ର ର ସମସ୍ତ ସ୍ୱେଚ୍ଛାସେବୀ କର୍ମକର୍ତ୍ତା ଙ୍କ ସମେତ ସଂଯୋଜକ ଶୁଭେନ୍ଦୁ କୁମାର ସାମଲ ଏବଂ ବିଧାନ ସଭାର ପ୍ରାକ୍ତନ ଗବେଷଣା ଅଧିକାରୀ ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗିତା କରିଥିଲେ ।

# ସିଏସଟିଟି-କିଟ୍ ମିଳିତ ବିଶେଷଜ୍ଞ ପରାମର୍ଶଦାତା କମିଟି କର୍ମଶାଳା ଉଦ୍‌ଯାପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ଅନୁଯାୟୀ ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ ଆୟୋଗ (ସିଏସଟିଟି) ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ ବିଶେଷଜ୍ଞ ପରାମର୍ଶଦାତା କମିଟି କର୍ମଶାଳା ଇତି ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଛି। ୧୮ରୁ ୨୨ ମଇ ପର୍ଯ୍ୟନ୍ତ ଆୟୋଜିତ ଏହି କର୍ମଶାଳାରେ "ଇଲେକ୍ଟ୍ରୋନିକ୍ସ" ଏବଂ "ରାଜନୀତି ବିଜ୍ଞାନ" ବିଷୟର ଇଂରାଜୀ–ହିନ୍ଦୀ–ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ମଶାଳାରେ ଇଲେକ୍ଟ୍ରୋନିକ୍ସର ୨,୮୩୩ଟି ଏବଂ ରାଜନୀତି ବିଜ୍ଞାନର ପ୍ରାୟ ୩,୮୦୦ଟି ଓଡ଼ିଆ ବୈଷୟିକ ଶବ୍ଦ ଚୂଡ଼ାନ୍ତ କରାଯାଇଛି।
ବିଶେଷଜ୍ଞମାନଙ୍କ ମତାନୁସାରେ, ଏହି ଶବ୍ଦାବଳୀ ପାଠ୍ୟପୁସ୍ତକ, ଅନୁବାଦ, ଇ-କଣ୍ଟେଣ୍ଟ ଏବଂ ଡିଜିଟାଲ ଶିକ୍ଷା ସମ୍ପଦ ପ୍ରସ୍ତୁତିରେ ଉପକାରୀ ହେବ। ବକ୍ତାମାନେ କହିଥିଲେ ଯେ ମାତୃଭାଷା ଆଧାରିତ ଶିକ୍ଷା ଛାତ୍ରଛାତ୍ରୀଙ୍କ ବୁଝାମଣା, ଆତ୍ମବିଶ୍ୱାସ, ନବୀନତା ଓ ଗବେଷଣା କ୍ଷମତା ବୃଦ୍ଧିରେ ସହାୟକ ହେବ। ଏହି ପ୍ରୟାସକୁ ଭାରତୀୟ ଭାଷାରେ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଏକ ମାଇଲସ୍ଟୋନ୍ ବୋଲି ଅଭିହିତ କରାଯାଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଉପରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ ନୂତନ ଶିକ୍ଷାନୀତିରେ ଇଂରାଜୀ–ହିନ୍ଦୀ–ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ନିହାତି ଆବଶ୍ୟକ ଥିଲା। ଏହା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଡ. ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି।

# କବିତା ମହାନ୍ତିଙ୍କ ଦୁଇ ପୁସ୍ତକ ପାଠକାର୍ପିତ



**ପୁରୀ, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ସାହିତ୍ୟରେ ଏକ ନିଆରା ପରିଚୟ ସୃଷ୍ଟି କରିଥିବା ଲବ୍ଧ ପ୍ରତିଷ୍ଠିତା ଲେଖିକା କବିତା ମହାନ୍ତିଙ୍କ ଜଗନ୍ନାଥ ଧାମ ପୁରୀରେ ଦୁଇଟି ବହି ମହାପ୍ରଭୁଙ୍କୁ ସମର୍ପିତ ହେବା ପରେ ପାଠକାର୍ପିତ ହୋଇଛି। ଏକ ଦିବ୍ୟ ଭାବମୟ ସନ୍ଧ୍ୟାରେ 'ଶ୍ରୀ' ବଳିଆପଣ୍ଡା, କଳିଙ୍ଗବିହାର ରେ ଏହି ସାହିତ୍ୟ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟ ଜଗତର ପୁରୋଧା ଅଧ୍ୟାପକ ବିଶ୍ୱରଞ୍ଜନ ପୌରୋହିତ୍ୟ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କର ଓଡ଼ିଆ ଏବଂ ଇଂରାଜୀରେ ଦୁଇଟି କବିତା ସଂକଳନ 'ଅବସର ପରେ' ଓ 'If ever you ask her' ଯାହାକି ଦଶମ ଏବଂ ଏକାଦଶତମ ସାହିତ୍ୟ ସୃଷ୍ଟି। ପେଶାରେ ବ୍ୟାଙ୍କ୍ କର୍ମଚାରୀ ହୋଇ ମଧ୍ୟ ଶ୍ରୀମତୀ ମହାନ୍ତି ନିଜ ଭାଷା ଓ ସାହିତ୍ୟ ପାଇଁ ତାଙ୍କ ଲେଖନୀକୁ ଚଳଚଞ୍ଚଳ ରଖିଛନ୍ତି। ଏଯାବତ୍ ତାଙ୍କର ଆଠଟି ଓଡ଼ିଆ ପୁସ୍ତକ ଏବଂ ତିନିଟି ଇଂରାଜୀ ପୁସ୍ତକ ପ୍ରକାଶ ପାଇଛି । ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଅନୁଭୂତି କୁ ନେଇ ପ୍ରକାଶିତ 'ଚାଲ ସଖି ଆମ୍ଭେ ଦର୍ଶନ କରିବା' ପୁସ୍ତକଟି ଓସେପା ତରଫରୁ ହାଇସ୍କୁଲ ଲାଇବ୍ରେରୀ ପାଇଁ ଚୟନ ହୋଇଛି। ଶିରିଡ଼ି ସାଇ ବାବାଙ୍କ ଅନୁଭୂତିକୁ ନେଇ ଲେଖିଥିବା ପୁସ୍ତକ 'ଏକ ଅକିଞ୍ଚନର ଅନୁଭୂତି' ପ୍ରଚୁର ପାଠକୀୟ ଆଦୃତି ଲାଭ କରି ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ପାଳଭୂତ ଓ ଅନ୍ୟାନ୍ୟ ଗଳ୍ପ ଓ ଲକଡାଉନ୍ ୨୦୨୦ର ଅଲିଭା କାହାଣୀ ପାଠକଙ୍କୁ ଆକୃଷ୍ଟ କରି ପାରିଛି। ଚାକିରୀରୁ ଅବସର ନେଲା ପରେ ତାଙ୍କର କବିତା ସଂକଳନ 'ଅବସର ପରେ' ପାଠକାଦୃତି ଲାଭ କରିବ ବୋଲି ଆଶା କରାଯାଏ। ଇଂରାଜୀ ପୁସ୍ତକ ତିନିଟି ନୂଆ ଦିଲ୍ଲୀରୁ ପ୍ରକାଶ ପାଇଥିବା ସମୟ ରେ ଓଡ଼ିଆ ଆଠଟି ପୁସ୍ତକ ବିଶ୍ୱମୁକ୍ତି ତରଫରୁ ପ୍ରକାଶ ପାଇଛି। ତାଙ୍କ ଜୀବନର ସବୁ ଶ୍ରେୟ ସେ କାଳିଆ ସାଆନ୍ତଙ୍କ କୃପାରୁ ଲାଭ କରିଛନ୍ତି। ଏହି ଭବ୍ୟ ସାହିତ୍ୟ ସନ୍ଧ୍ୟାରେ ବୋଉ ଫାଉଣ୍ଡେସନର ପ୍ରତିଷ୍ଠାତା ଅତିଶ୍ କୁମାର ମହାନ୍ତି ହାଇକୋର୍ଟ ଆଡଭୋକେଟ୍ କୈଳାଶ କାନୁନଗୋ, ଆହ୍ଲାବାଦ ବ୍ୟାଙ୍କର ଅବସରପ୍ରାପ୍ତ ଡିଜିଏମ୍ ଶ୍ରୀମତୀ ପ୍ରେମଲତା ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ ପଟ୍ଟନାୟକ, ଜଗନ୍ନାଥ ପ୍ରେମୀ ଆଶିଷ ମହାନ୍ତି, ବିଶିଷ୍ଟ ଶିଳ୍ପପତି ଅବନି କାନୁନଗୋ, ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ବିଷ୍ଣୁ ଚରଣ ସାହୁ ଏବଂ ଅନ୍ୟାନ୍ୟ ଶୁଭେଚ୍ଛୁ ବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୃତକଙ୍କ ପରିବାର...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

## ଦିନ ୧୨ରୁ ...

ହୋଇଯାଇଛି। ରାଜ୍ୟରେ ମେ' ୩୦ ରୁ ଆରମ୍ଭ ହେବାକୁ ଥିବା ଏସଆଇଆର କାର୍ଯ୍ୟକ୍ରମରେ ଭୋଟର ତାଲିକାକୁ ଅଧିକ ତ୍ରୁଟିଶୂନ୍ୟ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟତଃ କ୍ଷେତ୍ର ସ୍ତରୀୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସରକାରୀ ନିୟମାବଳୀର ସଠିକ ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟର କିପରି ସଫଳ ରୂପାୟନ କରାଯିବ, ସେ ନେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା। ଏସଆଇଆର ସମୟରେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସହଜ, ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯାଇପାରିବ, ସେଥିପାଇଁ ବିଏଲଓମାନଙ୍କୁ ମାର୍ଗଦର୍ଶନ ଦିଆଯାଇଛି। ସେହିପରି, ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି।

## ରାଜ୍ୟସଭାରୁ ଇସ୍ତଫା...

ଭାବରେ ସେ ତାଙ୍କ ବିକଳ୍ପ ଖୋଲା ରଖିଛନ୍ତି ଏବଂ ପରିସ୍ଥିତି ଶୀଘ୍ର ସ୍ପଷ୍ଟ ହୋଇଯିବ। ବିଜେପି ତାଙ୍କ ପାଇଁ ସର୍ବୋତ୍ତମ ରାଜନୈତିକ ବିକଳ୍ପ ବୋଲି ପ୍ରମାଣିତ ହୋଇପାରେ ବୋଲି ସେ କହିଛନ୍ତି।

## ଏଡିଜି କମ୍ୟୁନିକେସନ...

ମୃତ ସୌମ୍ୟ ରଞ୍ଜନଙ୍କ ମା' ଗଙ୍ଗୱାରଙ୍କ ନାଁରେ ଅଭିଯୋଗ କରିଥିଲେ। ଗଙ୍ଗୱାରଙ୍କ ପାଇଁ ତାଙ୍କ ପୁଅ ମାନସିକ ଚାପରେ ଥିଲେ ବୋଲି ସୌମ୍ୟଙ୍କ ମା' କହିଥିଲେ। ଭିଡ଼ ହିଂସାରେ ସୌମ୍ୟଙ୍କର ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଏବେ ଏହାର ତଦନ୍ତ କରୁଛି ।

## ନିର୍ମଳାଙ୍କ...

ଏମ୍‌ଏସ୍‌ଏମ୍‌ଇ ଓ ରପ୍ତାନୀକାରୀମାନଙ୍କୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି। ଜଟିଳ ସମୟର ସୁଯୋଗ ନେଇ ଭାରତୀୟ ଅର୍ଥନୀତିର ଏକ ଖରାପ ଛବି ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ସମାଲୋଚକମାନଙ୍କୁ ଟାର୍ଗେଟ କରି ନିର୍ମଳା କହିଛନ୍ତି ଯେ ସେମାନେ ଯାହା କରୁଛନ୍ତି ଠିକ୍ ନୁହେଁ। କାରଣ ତାହା ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ଆମକୁ ନିଜ କାର୍ଯ୍ୟ ଓ ବଚନ ଜରିଆରେ ଲୋକମାନଙ୍କ ମନରେ ବିଶ୍ୱାସ ଜାଗ୍ରତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବାହ୍ୟ ଚାପ ସତ୍ତ୍ୱେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇ ରହିଛି ବୋଲି ସେ ଦୋହରାଇଛନ୍ତି। ଦେଶର ଅଭିବୃଦ୍ଧି ବଜାୟ ରଖିବା ଲାଗି ସରକାର ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରାଯାଇଥିବାରୁ ସରକାର ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ଯାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ସତର୍କତା ଏବଂ ନିରାପଦ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ଦ୍ୱାରା ଛଅ ଜଣ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଅସାଧାରଣ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଛଅ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସମ୍ବର୍ଦ୍ଧିତ ହୋଇଥିବା କର୍ମଚାରୀମାନେ ହେଲେ: ବୁର୍ଲେ ସୂର୍ଯ୍ୟନାରାୟଣ, ଟ୍ରାକ୍ ମେଣ୍ଟେନର-୧, ଗ୍ୟାଙ୍ଗ୍ ନଂ ୭୧, ଗଜପତିନଗରମ୍, ୱାଲଟିୟର୍ ଡିଭିଜନ୍, ଅଶୋକ କୁମାର ମହାନ୍ତି, ଟ୍ରାକ୍ ମେଣ୍ଟେନର-୨, କାମାକ୍ଷାନଗର, ଖୋର୍ଦ୍ଧା ରୋଡ୍ ଡିଭିଜନ୍, ଟି. ସନମୁଖ ରାଓ, ଟ୍ରାକ୍ ମେଣ୍ଟେନର-୨, ବାରୁଆ, ଖୋର୍ଦ୍ଧା ରୋଡ୍ ଡିଭିଜନ୍, ରାମ କୁମାର, ଲୋକୋ ପାଇଲଟ୍ (ଗୁଡ୍ସ), ପାରାଦୀପ, ଖୋର୍ଦ୍ଧା ରୋଡ୍ ଡିଭିଜନ୍, ଶେଖ ଆୟାସୁଦ୍ଦିନ୍, ଜେଇ /ମେମୁ କାର୍ ସେଡ୍, ଖୋର୍ଦ୍ଧା ରୋଡ୍ ଡିଭିଜନ୍, ୱାଇ. ଆପ୍ପା ରାଓ, ସିନିୟର ଗୁଡ୍ସ ଟ୍ରେନ୍ ମ୍ୟାନେଜର, ଟିଟିଲାଗଡ଼, ସମ୍ବଲପୁର ଡିଭିଜନ୍ । ସେମାନଙ୍କର ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ ତୁରନ୍ତ ପଦକ୍ଷେପ ରୋଲିଂ ଷ୍ଟକ୍ ଏବଂ ଟ୍ରାକ୍ ଭିତ୍ତିଭୂମିରେ ଥିବା ଜଟିଳ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥିଲା, ଯାହା ସମ୍ଭାବ୍ୟ ଦୁର୍ଘଟଣାକୁ ରୋକିବା ସହ ସୁରକ୍ଷା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ୧୪.୦୩.୨୦୨୬ ରେ ବୁର୍ଲେ ସୂର୍ଯ୍ୟନାରାୟଣ ଗରୁଡ଼ବିଲ୍ଲି–ଗଜପତିନଗରମ୍ ମଧ୍ୟରେ ଟ୍ରେନ୍ ନଂ ଏନ /ବିଏସପିସିର ଏକ ୱାଗନରୁ ଧୂଆଁ ଏବଂ ନିଆଁ ବାହାରୁଥିବା ଦେଖିଥିଲେ ଏବଂ ଏକ ନାଲି ପତାକା ଦେଖାଇ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କୁ ସତର୍କ କରାଇଥିଲେ, ଯାହା ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବାରେ ସାହାଯ୍ୟ କରିଥିଲା। ୨୬.୦୩.୨୦୨୬ ରେ ଅଶୋକ କୁମାର ମହାନ୍ତି କି-ମ୍ୟାନ୍ ଡ୍ୟୁଟି ସମୟରେ କମଳାଙ୍ଗ–ବୁଢ଼ାପଙ୍କ ସେକ୍ସନ୍ ମଧ୍ୟରେ ଚକା ଯୋଗୁଁ ରେଳ ଧାରଣା ପୋଡ଼ିଯାଇଥିବାର ଚିହ୍ନଟ କରିଥିଲେ ଏବଂ ତୁରନ୍ତ ଟ୍ରାକକୁ ସୁରକ୍ଷିତ କରିଥିଲେ। ୩୧.୦୩.୨୦୨୬ ରେ, ଟି. ସନମୁଖ ରାଓ କି-ମ୍ୟାନ୍ ଡ୍ୟୁଟି ସମୟରେ ଏକ ରେଳ ଧାରଣା ଭାଙ୍ଗିଥିବାର ଚିହ୍ନଟ କରିଥିଲେ ଏବଂ ବିପଦ ସଙ୍କେତ ଦେଖାଇ ଆସୁଥିବା ଏକ ଟ୍ରେନକୁ ସୁରକ୍ଷିତ ଭାବରେ ଅଟକାଇଥିଲେ । ୨୧.୦୪.୨୦୨୬ ରେ, ରାମ କୁମାର କଳାଗଡ଼ –ମାର୍ଶାଘାଇ ରୋଡ୍ ସେକ୍ସନ୍ ମଧ୍ୟରେ ଟ୍ରେନ୍ ନଂ ଏମ୍‌ଇ/ଏମ୍‌ଆର୍‌ଏଲ୍‌ବି/ ଜିୱାଇପିର ଏକ ବିଓଏକ୍ସଏନ୍ ୱାଗନରେ ଏକ ହଟ୍ ଆକ୍ସଲ୍ ଚିହ୍ନଟ କରିଥିଲେ, ଯାହା ସମ୍ଭାବ୍ୟ ଲାଇନଚ୍ୟୁତ ହେବାରୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା। ଶେଖ ଆୟାସୁଦ୍ଦିନ୍ ସିଗ୍ନାଲ୍ ବେଲ୍ ଯୋଗାଯୋଗ ବିଫଳତା ସମୟରେ ପରିଚାଳନାଗତ ସୁରକ୍ଷା ବୃଦ୍ଧି କରିବା ପାଇଁ ମେମୁ ରେକ୍ ପାଇଁ ଏକ ସମାନ୍ତରାଳ ଭିଜୁଆଲ୍ ଇଣ୍ଡିକେସନ୍ ସିଷ୍ଟମ୍ ବିକଶିତ କରିଥିଲେ। ୧୬.୦୩.୨୦୨୬ ରେ, ୱାଇ. ଆପ୍ପା ରାଓ ଭିଲାଇ ପାୱାର୍ ହାଉସ୍ ଠାରେ ଟ୍ରେନ୍ ନଂ ଏନ /ବିଏସପିସିର ଏକ ବ୍ରେକ୍ ଭ୍ୟାନ୍ ଟ୍ରଲିରେ ଭଙ୍ଗା ସେଣ୍ଟର୍ ପିଭୋଟ୍ ପିନ୍ ଚିହ୍ନଟ କରି ନିରାପଦ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିଥିଲେ। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ସେମାନଙ୍କର ନିଷ୍ଠା, ସତର୍କତା ଏବଂ କର୍ତ୍ତବ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଟ୍ରାକ୍ ମେଣ୍ଟେନର, ଟ୍ରେନ୍ ମ୍ୟାନେଜର, ଲୋକୋ ପାଇଲଟ୍ ଏବଂ ଅନ୍ୟାନ୍ୟ ଅପରେସନାଲ୍ କର୍ମଚାରୀଙ୍କ ଭଳି ଫ୍ରଣ୍ଟଲାଇନ୍ ଷ୍ଟାଫ୍ ରେଳ କାର୍ଯ୍ୟର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।

# ଧାନ ସଂଗ୍ରହ ପାଇଁ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟିର ବୈଠକ : କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଦିଆଯିବ ପ୍ରାଥମିକତା : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଆସନ୍ତା ରବି ଫସଲର ଖରିଫ୍ ବିପଣନ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ସୋମବାର ଏକ ଉଚ୍ଚସ୍ତରୀୟ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ଥିଲେ। ଧାନ କିଣାବେଳେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଧାନ ସଂଗ୍ରହରେ ଦଲାଲି ଏବଂ ବେଆଇନ କାରବାର ରୋକିବା ପାଇଁ ସରକାର କେତେକ କଡ଼ା ନିୟମ ଲାଗୁ କରିଛନ୍ତି । ଜିଲ୍ଲାପାଳମାନେ ପ୍ରତିଦିନ ଏହାର ସମୀକ୍ଷା କରିବେ। ବାହାର ରାଜ୍ୟର ଧାନ ଯେପରି ଓଡ଼ିଶା ମଣ୍ଡିକୁ ନଆସେ ସେଥିପାଇଁ ସୀମା ସିଲ୍ କରାଯିବ। ମଣ୍ଡିରେ ଚାଷୀଙ୍କ ପରିଚୟ ସଠିକ ଭାବେ ଯାଞ୍ଚ କରିବା ପାଇଁ 'ଆଇରିସ୍' (ଆଖି ଡୋଳା ସ୍କାନ) ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି । କେବଳ ମଣ୍ଡି ଭିତରେ ହିଁ ଧାନ ଓଜନ କରାଯିବ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ସମୟସୀମା ଧାର୍ଯ୍ୟ ହୋଇଛି, ଯାହାକୁ ନୋଡାଲ ଅଫିସରମାନେ ତଦାରଖ କରିବେ। ଏଥି ସହିତ ଚାଷୀମାନେ ନିଜର ଅଭିଯୋଗ ଟୋଲ୍-ଫ୍ରି ନମ୍ବର ୧୯୬୭ ଜରିଆରେ ସିଧାସଳଖ ଜଣାଇପାରିବେ।
ମଣ୍ଡିଗୁଡ଼ିକରେ ଭିତ୍ତିଭୂମିର ସୁଧାର ସହ ଗାଡ଼ିଗୁଡ଼ିକର ସଠିକ ପରିବହନ ପାଇଁ ଭେହିକିଲ୍ ଟ୍ରାକିଂ ସିଷ୍ଟମ ବ୍ୟବହାର କରାଯିବ। ପ୍ରତି ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ପାଇଁ ପିଇବା ପାଣି, ଶୌଚାଳୟ, ବିଶ୍ରାମ ଗୃହ, ଆଲୋକ ଏବଂ ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ପାଲ (ତାରପୋଲିନ୍) ର ବ୍ୟବସ୍ଥା କରାଯିବ। ଧାନ ଓଜନ କରୁଥିବା ଯନ୍ତ୍ରପାତିଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ।
ସୂଚନାଯୋଗ୍ୟ ଯେ, ଗତ ବର୍ଷ ତୁଳନାରେ ଏଥର ଧାନ ସଂଗ୍ରହରେ ୫.୪୮% ଏବଂ ଚାଷୀ ସଂଖ୍ୟାରେ ୧୪% ଅଭିବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ଧାନର ସଂରକ୍ଷଣ ପାଇଁ ଭାରତୀୟ ଖାଦ୍ୟ ନିଗମ ଅଧିକ ଅମଳ ହେଉଥିବା ଅଞ୍ଚଳରେ ନୂଆ ଗୋଦାମ ଘର ନିର୍ମାଣ କରିବେ। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-382E, ତା.19.05.2026ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ ଲାଇନ ପ୍ରକଳ୍ପ ସହିତ ସମ୍ବନ୍ଧୀତ ଦଶପଲ୍ଲା - ପୁରୁଣାକଟକ ମଧ୍ୟରେ ଟନେଲ୍ T1, T2, T3, T4 ଏବଂ T7 ରେ ଟ୍ରାଞ୍ଜିସନ୍ ଏଲିମେଣ୍ଟ ସହିତ ରିଜିଡ୍ ଓଭରହେଡ୍ କ୍ୟାଟେନାରୀ ସିଷ୍ଟମ୍ (ROCS) ର ଡିଜାଇନ୍, ଇଞ୍ଜିନିୟରିଂ, ଯୋଗାଣ, ସ୍ଥାପନ ଏବଂ କମିଶନିଂ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 31,09,73,119.79, EMD : ₹ 62,19,500.00, ଶେଷ ହେବା ଅବଧି : 06 ମାସ।
ବିଡ୍ ଆରମ୍ଭ ତାରିଖ: 26.05.2026
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.06.2026ରିଖ 1300 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II)/ ଭୁବନେଶ୍ୱର
PR-57/CJ/26-27

# ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ। ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ । ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି । ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍ ?ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ରଖିଥିଲା। ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ।
ସୋମବାର ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।
ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଦେବାଶିଷ ଦଳରୁ ସମସ୍ତ ସୁବିଧା ନେଇ ନିଜ ସ୍ୱାର୍ଥ ପାଇଁ ଇସ୍ତଫା ଦେଲେ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳରୁ ସମସ୍ତ ସୁବିଧା ସୁଯୋଗ ହାସଲ କରିଲା ପରେ ସୋମବାର ଦଳରୁ ଇସ୍ତଫା ଦେଇ ନିଜ ସ୍ୱାର୍ଥପରତାର ପରିଚୟ ଦେଇଛନ୍ତି ।
ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ଯେଉଁ ଦଳ ଶ୍ରୀ ସାମନ୍ତରାୟଙ୍କୁ ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିଲା । ସାମାନ୍ୟ ବ୍ୟକ୍ତିଗତ ଓ ବ୍ୟବସାୟିକ ସ୍ୱାର୍ଥ ହାସଲ ପାଇଁ ସେ ଦଳରୁ ଇସ୍ତଫା ଦେଇ ବିଜେପି ମୁହାଁ ହୋଇଛନ୍ତି ।
ଡ. ମହାନ୍ତି ଆହୁରି କହିଥିଲେ ଯେ, ଦଳର ସଭାପତି ନବୀନ ପଟ୍ଟନାୟକ, ଦେବାଶିଷଙ୍କୁ ଦଳୀୟ ସଂଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ସହ ରାଜ୍ୟସଭା ସାଂସଦ ଭାବେ ପଠାଇଥିଲେ । ପାଞ୍ଚ ପାଞ୍ଚ ଥର ଟିକେଟ ଦେଇ ୩ ଥର ବିଧାୟକ ହୋଇଥିଲେ ଏବଂ ଓଟିଡିସିର ଅଧ୍ୟକ୍ଷ ମଧ୍ୟ ହୋଇଥିଲେ । କଟକ ଜିଲ୍ଲାର ସଭାପତି କରିଥିଲେ । ଦଳରୁ ସେ ଆଉ କ'ଣ ଅଧିକ ଆଶା କରୁଥିଲେ, ତାହା ପ୍ରକାଶ କଲେ ଭଲ ହୁଅନ୍ତା । କ୍ଷମତାରେ ଥିଲା ବେଳେ ସମସ୍ତ ଫାଇଦା ହାସଲ କରି ବିରୋଧୀ ଦଳ ଥିଲା ବେଳେ ଦଳର ହାତ ଛାଡି ଶ୍ରୀ ସାମନ୍ତରାୟ କାହିଁକି ବିଜେପି ମୁହାଁ ହୋଉଛନ୍ତି, ତାହା କଟକବାସୀ ବିଚାର କରିବେ । ବ୍ୟବସାୟିକ ଓ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଶ୍ରୀ ସାମନ୍ତରାୟ ଦଳରୁ ଇସ୍ତଫା ଦେବା ଦ୍ୱାରା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ ତୃଣମୂଳ ସ୍ତରରେ ନବୀନ ବାବୁଙ୍କ ନେତୃତ୍ୱରେ କାମ କରୁଛନ୍ତି । ସମସ୍ତେ ଜାଣିଛନ୍ତି ଦଳ ଏତେ ସବୁ ଦେବା ସତ୍ତ୍ୱେ ଗତ ଦୁଇ ବର୍ଷ ଧରି ଶ୍ରୀ ସାମନ୍ତରାୟ ଦଳୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ।

ଭୁବନେଶ୍ୱର, ୨୬ ମଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅଖ ଓ ଚଉଦନାହାକା ଶେଷ, ରଥ ଦଣ୍ଡା ହଣା କାର୍ଯ୍ୟ ଆରମ୍ଭ

**ପୁରୀ,୨୫/୦୫ ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ରରେ ଚଳଚଞ୍ଚଳ ରଥଖଳା। ଆଗେଇ ଚାଲିଛି ରଥତ୍ରୟ ନିର୍ମାଣ କାମ । ସୋମବାର ରଥଖଳାରେ ତିନି ରଥର ପାଞ୍ଚ ଦଣ୍ଡା ଅନୁକୂଳ ପୂଜା ସହ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଦଣ୍ଡା ହଣା କାର୍ଯ୍ୟରେ ବିଶ୍ୱକର୍ମା ସେବକମାନେ ବ୍ୟସ୍ତ ରହିଛନ୍ତି। ଆଗକୁ ଗରଗରାରେ ବିନ୍ଧ କରାଯିବ।



ରଥତ୍ରୟର ଅଖ ଓ ଚଉଦନାହାକା ହଣା ଶେଷ ହୋଇଛି। ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର କୁହନ୍ତି, ମହାପ୍ରଭୁଙ୍କ ରଥର ଚଉଦନାହାକା କାମ ସରିଛି । ଚଉଦନାହାକା ଅଷ୍ଟ କୋଣୀ କାଠ । ଏଥିସହ ଭୂଇଁ ଚଉତା ଓ ଗରଗରା ହଣା ସରିଛି । ଚଉତାରେ ବିନ୍ଧ ନିର୍ମାଣ ସରିଛି । ନନ୍ଦିଘୋଷର ୮ ଅଖ ସମ୍ପୂର୍ଣ୍ଣ ହୋଇଛି । ଦଣ୍ଡା ଅନୁକୂଳ ହୋଇ ହଣା ସରିଲେ ମାପଚୁପ ହୋଇ ସେହି ଅନୁସାରେ ଗରଗରାରେ ବିନ୍ଧ କରାଯିବ ବୋଲି ମୁଖ୍ୟ ବିଶ୍ୱକର୍ମା ଶ୍ରୀ ମହାପାତ୍ର କହିଛନ୍ତି ।

ନନ୍ଦିଘୋଷର ଗରଗରା ଚଉପଟ ହୋଇ ସାଇତା ରହିଛି । ଚକ ଅଖ ସଂଯୋଗ ହୋଇ ଦଣ୍ଡା ପଡ଼ିବ । ଦଣ୍ଡା ଉପରେ ଗରଗରା ରହିବ । ଏଣୁ ଦଣ୍ଡା ରହିଲା ପରେ ଯେଉଁ ମାପ ଆସିବ ସେହି ଅନୁସାରେ ନନ୍ଦିଘୋଷ ଗରଗରାରେ ବିନ୍ଧ ହେବ । ଦେବଦଳନର ଅଖ ନିର୍ମାଣ ଶେଷ ହୋଇଛି । ଏହାର ୬ଟି ଅଖରୁ ସାନଉଛୁଳା ଅଖ ଦୁର୍ବଳ ପଡ଼ିବାରୁ ଆଉ ଥରେ ଅଖ ତିଆରି ହୋଇ ସୋମବାର ସରିଛି । ତାଳଧ୍ୱଜର ୭ ଅଖ ନିର୍ମାଣ ଶେଷ ସହ ରଥତ୍ରୟର ୨୧ ଅଖ ନିର୍ମାଣ ସରିଲା । କରତି ସେବକମାନେ ପୋଲ ଗୟଳ ନିର୍ମାଣ ଜାରି ରଖିଛନ୍ତି ।

ତାଳଧ୍ୱଜର ପୋଲ ଗୟଳ ତିଆରି ସରିବାରେ ନନ୍ଦିଘୋଷ ରଥ ପୋଲ ଗୟଳ ପାଇଁ କାଠ ଯୋଗାଇଛନ୍ତି ଭୋଇ ସେବକ । ରୂପକାର ତିନି ରଥର ସାଲ ଗୁଜରେ ରୂପ ଖୋଦେଇ ସାରି ରଥର ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ନିହଣ ମୁଗୁର ସାହାଯ୍ୟରେ ତିଆରୁଛନ୍ତି । କମାର ସେବକମାନେ ଦୋଳବେଦିରେ ତିନି ରଥର ଅଖ କଣ୍ଟା, ଦଣ୍ଡା କଣ୍ଟା ତିଆରୁଛନ୍ତି । ପାହି ମହାରଣା ଅଣସର ଓ ରଥ ଯାତ୍ରାରେ ଠାକୁରଙ୍କ ସେବାର୍ଚ୍ଚନାରେ ଲାଗିବାକୁ ଉପକରଣ ପ୍ରସ୍ତୁତ କରୁଛନ୍ତି ।



ଭୁବନେଶ୍ୱର : ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

### ଶିଳ୍ପ ଓ ଶିକ୍ଷା କ୍ଷେତ୍ରର ସମନ୍ୱୟ ନେଇ ଗୋଲଟେବୁଲ ବୈଠକ

# କିଟ୍ ଓ ଉତ୍କଳ ଚାମ୍ବର ଅଫ୍ କମର୍ସର ମିଳିତ ପ୍ରୟାସ



**ଭୁବନେଶ୍ୱର, ୨୫।୫ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟ ଏବଂ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍' (ୟୁସିସିଆଇ)ର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋଲଟେବୁଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗର ସୁଦୃଢ଼ିକରଣ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଳ୍ପ ପ୍ରତିଷ୍ଠାନ ଏବଂ ଶିକ୍ଷାଦାନ ଶୈଳୀ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରାଇବା ଦିଗରେ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ-ଶିକ୍ଷା ମଧ୍ୟରେ ଏକ ସୁଦୃଢ଼ ସମନ୍ୱୟ ରକ୍ଷା କରିବା, ଯାହା ଆଗାମୀ ଦିନରେ ଉଭୟ କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଏହି ବୈଠକରେ ଉଭୟ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ମଧ୍ୟରେ ରଣନୈତିକ ସଂପର୍କ ସ୍ଥାପନ, ମିଳିତ ଗବେଷଣା, ନୂତନ ଉଦ୍‌ଭାବନର ସୁଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହିତ ବର୍ତ୍ତମାନର ଷ୍ଟାର୍ଟଅପ୍ ବାତାବରଣକୁ ଅଧିକ କ୍ରିୟାଶୀଳ କରିବା ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ତଥା କାର୍ଯ୍ୟକ୍ଷମ କରି ଗଢ଼ିତୋଳିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୟୁସିସିଆଇ ସଭାପତି ପ୍ରବୋଧ ମହାନ୍ତି, କିଟ୍ ଉପ ସଭାପତି ଡ. ଅଜୟ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ସାଓ୍ୱାଟେକ୍ ଓଡ଼ିଶା ପ୍ରକଳ୍ପ ମୁଖ୍ୟ ଡ. ଦେବାଶିଷ ଦେବ, ଇଂ ସୁଶାନ୍ତ ରାଉତରାୟ, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି, କିଟ୍ ଟିବିଆଇ ମୁଖ୍ୟ ପ୍ରଫେସର ନମ୍ରତା ମିଶ୍ର ପ୍ରମୁଖ ଯୋଗଦେଇ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ମଡେଲ ଏବଂ ଅଭିନେତ୍ରୀ ତ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲା

# ମାମଲାର ତଦନ୍ତ ନିରପେକ୍ଷ ଓ ବିନା ପକ୍ଷପାତିତାରେ କରାଯିବା ଉଚିତ : ସିଜେଆଇ

**ନୂଆଦିଲ୍ଲୀ, ୨୫/୦୫**

ମଡେଲ ଏବଂ ଅଭିନେତ୍ରୀ ତ୍ୱିଶା ଶର୍ମାଙ୍କ ମୃତ୍ୟୁ ମାମଲା ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ସୋମବାର ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ଭିଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ତିନି ଜଣିଆ ଖଣ୍ଡପୀଠ ଏହି ଦୁଃଖଦ ଘଟଣାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଏହି ମାମଲାର ତଦନ୍ତ ନିରପେକ୍ଷ ଏବଂ କୌଣସି ପକ୍ଷପାତିତା ବିନା କରାଯିବା ଉଚିତ। କୋର୍ଟ ମତ ଦେଇଛନ୍ତି, ଏହି ମାମଲା ବ୍ୟାପକ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଛି ଏବଂ ଏହାର ସମ୍ବେଦନଶୀଳତାକୁ ବିଚାର କରି ଏହାକୁ ଏକ କେନ୍ଦ୍ରୀୟ ସଂସ୍ଥାକୁ ହସ୍ତାନ୍ତର କରିବା ଆବଶ୍ୟକ। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା ସୁପ୍ରିମକୋର୍ଟକୁ ସୂଚନା ପ୍ରଦାନ କରିଛନ୍ତି ଯେ, ସିବିଆଇ ତଦନ୍ତ ଦାୟିତ୍ୱ ନେବ।



ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ରାଜ୍ୟ ସରକାରଙ୍କ ସିବିଆଇ ତଦନ୍ତ ସୁପାରିଶ କରିବାର ନିଷ୍ପତ୍ତିକୁ ପ୍ରଶଂସା କରିବା ସହ ଦ୍ୱିତୀୟ ପୋଷ୍ଟମର୍ଟମ ସମ୍ପର୍କରେ ହାଇକୋର୍ଟଙ୍କର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଛନ୍ତି। ବର୍ତ୍ତମାନ ମଧ୍ୟପ୍ରଦେଶ ପୁଲିସ ମୃତକଙ୍କ ସ୍ୱାମୀ ସମର୍ଥ ସିଂହ ଏବଂ ତାଙ୍କ ମାତା ଗିରିବାଳା ସିଂହଙ୍କୁ ବ୍ୟାପକ ପଚରାଉଚରା କରୁଛି ଏବଂ ସେମାନଙ୍କ ସୂଚନା ଯାଞ୍ଚ କରାଯାଉଛି। ମାମଲାର ପ୍ରସାରଣ ସମ୍ପର୍କରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କଳ୍ପନାଜଳ୍ପନା ବିଷୟରେ ମୁଖ୍ୟ ବିଚାରପତି ଚିନ୍ତା ପ୍ରକାଶ କରି ସମ୍ଭାବ୍ୟ ସାକ୍ଷୀ, ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିବାରୁ ଗଣମାଧ୍ୟମ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। କାରଣ ଏହା ତଦନ୍ତର ଫଳାଫଳକୁ ଅଯଥା ପ୍ରଭାବିତ କରିପାରେ। କୋର୍ଟ ଉଭୟ ପରିବାରକୁ ସାର୍ବଜନୀନ ଭାବରେ କିମ୍ବା ଗଣମାଧ୍ୟମରେ ବୟାନ ଦେବା ପରିବର୍ତ୍ତେ ସିଧାସଳଖ ତଦନ୍ତକାରୀ ସଂସ୍ଥା ନିକଟରେ ସେମାନଙ୍କର ମାମଲା ଉପସ୍ଥାପନ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ସିଜେଆଇ କହିଛନ୍ତି, ଏକ କାହାଣୀ ସୃଷ୍ଟି କରାଯାଉଛି ଯେ, ନ୍ୟାୟପାଳିକା ଏକ ନିରପେକ୍ଷ ବିଚାରକୁ ଅନୁମତି ଦେଉନାହିଁ, ଯାହାକୁ ବନ୍ଦ କରାଯିବା ଆବଶ୍ୟକ। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା ଏକ ମର୍ମସ୍ପର୍ଶୀ ଏବଂ ଦୃଢ଼ ବାର୍ତ୍ତା ଦେଇ କହିଛନ୍ତି ଯେ, କୌଣସି ପକ୍ଷ ଉପରେ ଆକ୍ଷେପ ନକରି ଏହି କାହାଣୀରୁ ମିଳିଥିବା ଶିକ୍ଷା ସ୍ପଷ୍ଟ ଯେ, ମୃତ ଝିଅ ଅପେକ୍ଷା ଛାଡପତ୍ର ପାଇଥିବା ଝିଅ ଭଲ। କୋର୍ଟ ଜନସାଧାରଣଙ୍କୁ ଅନୁମାନରୁ ନିବୃତ୍ତ ରହିବା ଏବଂ ଦେଶର ପ୍ରମୁଖ ତଦନ୍ତ ସଂସ୍ଥା (ସିବିଆଇ) ଉପରେ ବିଶ୍ୱାସ ରଖିବାକୁ ମଧ୍ୟ ନିବେଦନ କରିଛନ୍ତି, ଯାହା ସମୟ ସହିତ ଏହି ତଦନ୍ତକୁ ନିଷ୍କର୍ଷରେ ପହଞ୍ଚାଇବ। ଏହି ସମ୍ପୂର୍ଣ୍ଣ ମାମଲା ୧୨ ମେ' ୨୦୨୬ ରାତିରେ ଆରମ୍ଭ ହୋଇଥିଲା, ଯେତେବେଳେ ଭୋପାଳର କଟାରା ହିଲ୍ସ ଅଞ୍ଚଳରେ ତ୍ୱିଶା ଶର୍ମାଙ୍କ ମୃତଦେହ ଘରେ ସନ୍ଦେହଜନକ ପରିସ୍ଥିତିରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଶ୍ୱଶୁର ଘର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ, ତ୍ୱିଶାଙ୍କ ବାପା-ମା' ଏହାକୁ ଯୌତୁକ ନିର୍ଯାତନା ଏବଂ ହତ୍ୟା ମାମଲା ବୋଲି ଅଭିଯୋଗ ଆଣିଛନ୍ତି। ପୁଲିସ ତ୍ୱିଶା ଶର୍ମାଙ୍କ ଓକିଲ ସ୍ୱାମୀ ସମର୍ଥ ସିଂହ ଏବଂ ତାଙ୍କ ମା' ପୂର୍ବତନ ଜିଲ୍ଲା ଜଜ୍ ଗିରିବାଳା ସିଂହଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ସମର୍ଥ ସିଂହ ବର୍ତ୍ତମାନ ସାତ ଦିନ ପାଇଁ ପୁଲିସ ହେପାଜତରେ ଅଛନ୍ତି। ଗିରିବାଳା ସିଂହ କହିଛନ୍ତି ଯେ ପୁଲିସ ତାଙ୍କ ବୟାନ ରେକର୍ଡ କରିବା ପାଇଁ ଏପର୍ଯ୍ୟନ୍ତ ତାଙ୍କ ସହିତ ଯୋଗାଯୋଗ କରିନାହିଁ।

### ମଡେଲ ଭିଲେଜ ମିଶନ ଓ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାର ଶୁଭାରମ୍ଭ

# କାର୍ଯ୍ୟକ୍ରମର ନିରୀକ୍ଷଣ ପାଇଁ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ

**ଭୁବନେଶ୍ୱର, ୨୫।୫ ନ୍ୟୁଜ ବ୍ୟୁରୋ**

ଗ୍ରାମୀଣ ରୂପାନ୍ତରଣ ଦିଗରେ ବଡ଼ ପଦକ୍ଷେପ । ରାଜ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାର ଶୁଭାରମ୍ଭ ହୋଇଛି। 'ମଡେଲ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ (କମ୍ୟୁନିଟି ସ୍ପେସ) ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହା କେବଳ ସହରାଞ୍ଚଳ ସ୍ତରର ସୁବିଧା ପ୍ରଦାନ କରି ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକୁ ସଶକ୍ତ କରିବ ନାହିଁ ବରଂ ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୭୩୩ଟି ଗ୍ରାମ ପଞ୍ଚାୟତର ସମସ୍ତ ସଦର ଗ୍ରାମକୁ ୨୦୨୯ ସୁଦ୍ଧା ସମସ୍ତ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ଦିଆଯିବ। ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତ୍ତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଶକ୍ତି ବିଭାଗ ଇତ୍ୟାଦି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ସର୍ଭେ ପାଇଁ ଏକ ନିର୍ଦ୍ଧାରିତ ଫର୍ମାଟ ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ ଏହି ସର୍ଭେ ଫର୍ମାଟକୁ ଉନ୍ମୋଚନ କରିଛନ୍ତି । ବେସଲାଇନ ସର୍ଭେର ଆରମ୍ଭ ସହିତ 'ମଡେଲ ଭିଲେଜ ମିଶନ'ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ସୂଚାରୁ



ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର-କମ୍-ସଚିବ ଗିରିଶ ଏସ୍.ଏନ୍.ଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାର ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସଦସ୍ୟ ଭାବେ ନେଇ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବାର ବ୍ୟବସ୍ଥା ରହିଛି । ସେହିପରି ମନ୍ତ୍ରୀ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ମଧ୍ୟ ଶୁଭାରମ୍ଭ କରିଥିଲେ । ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଏବଂ ରାଜନୈତିକ ଇତିହାସରେ ଅସାଧାରଣ ଅବଦାନ ରଖିଥିବା ମହାପୁରୁଷମାନଙ୍କ ଜନ୍ମିତ ଗ୍ରାମ ପଞ୍ଚାୟତଗୁଡ଼ିକୁ ସାମଗ୍ରିକ ଭାବେ ବିକଶିତ କରି ସେଗୁଡ଼ିକୁ ଆଦର୍ଶ ଗ୍ରାମ ପଞ୍ଚାୟତରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହି ଯୋଜନା ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ତିନି ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହା ଅଧୀନରେ ରାଜ୍ୟର ପ୍ରାୟ ୧୦୦ରୁ ୧୫୦ଟି ଗ୍ରାମ ପଞ୍ଚାୟତକୁ ଚୟନ କରାଯିବ । ଏହା ସହିତ ଦକ୍ଷତା ବିକାଶ, ଡିଜିଟାଲ୍ ସାକ୍ଷରତା, ସାମାଜିକ ସୁରକ୍ଷା ଏବଂ ଜୀବିକା ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ଯୋଜନା ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ । ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ଗଠିତ କମିଟି ମାଧ୍ୟମରେ ଯୋଜନାର ନିୟମିତ ତଦାରଖ ଓ ସମନ୍ୱୟ ରକ୍ଷା କରାଯିବ।

# ୯ଦିନରେ ୩ ଏନକାଉଣ୍ଟର : ମାସକ ମଧ୍ୟରେ ୧୦ ହତ୍ୟାକାଣ୍ଡ

**ଭୁବନେଶ୍ୱର, ୨୫/୦୫ ନ୍ୟୁଜ ବ୍ୟୁରୋ**

ଅପରାଧୀମାନେ ଡାଳେ ଡାଳେ ଗଲେ ପତ୍ରେ ପତ୍ରେ ଯାଉଛନ୍ତି ପୁଲିସ। ଏଥର ଅପରାଧୀଙ୍କୁ ଆଉ ନିସ୍ତାର ନାହିଁ। ଅପରାଧୀଙ୍କୁ ସିଧା ଏନକାଉଣ୍ଟର କରୁଛି ଓଡ଼ିଶା ପୁଲିସ। ହିଂସାତ୍ମକ ଅପରାଧ ଏବଂ ଗ୍ୟାଙ୍ଗ କାର୍ଯ୍ୟକଳାପକୁ ଅଟକାଇବା ପାଇଁ ଓଡ଼ିଶା ପୁଲିସ ରାଜ୍ୟବ୍ୟାପୀ ଏକ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଗତ ସପ୍ତାହ ମଧ୍ୟରେ ପୁଲିସ ଏକ ସ୍ୱତନ୍ତ୍ର ଅଭିଯାନରେ ୩ ଜଣଙ୍କୁ ଏନକାଉଣ୍ଟର କରିଛି। ବ୍ରହ୍ମପୁର, ସମ୍ବଲପୁର ଜିଲ୍ଲାରେ ହାଇ-ପ୍ରୋଫାଇଲ ଏବଂ ଓ୍ୱାଣ୍ଟେଡ୍ ଅପରାଧୀଙ୍କୁ ଏନକାଉଣ୍ଟର କରିଛି ପୁଲିସ। ଗଞ୍ଜାମ ଜିଲ୍ଲାରେ ଗତ ମାସକ ମଧ୍ୟରେ ୧୦ ହତ୍ୟାକାଣ୍ଡ, ଗୋଷ୍ଠୀ କନ୍ଦଳକୁ ନେଇ ଏକାଧିକ ହଣାକଟା ଘଟଣା ଯୋଗୁଁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିଲା। ଯାହାକି ପୁଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଏପରିକି ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଥିଲା। ଗତ ୨୪ ତାରିଖ ଅର୍ଥାତ ରବିବାର ରାତ୍ର ବଡବଜାର ଥାନା ଅଞ୍ଚଳର ମଙ୍ଗଳା ବେହେରାଙ୍କୁ ବିଚ୍ ରାସ୍ତାରେ ଅପରାଧୀ ଗୋଷ୍ଠୀ ଗୋଟିଏ ପରେ ଗୋଟିଏ ଖଣ୍ଡା ଚୋଟ ପକାଇ ବର୍ବରର ସୀମା ଟପିଯାଇଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହାକି ପୁଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ହୋଇଥିଲା। ଅପରାଧୀମାନଙ୍କ କାଉଣ୍ଟର ଆକ୍ରମଣର ପୁଲିସ ଜବାବ ଦେବାକୁ ଯାଇ ଜଗା ଓରଫ ଜଗନ୍ନାଥ ସାହୁକୁ ଗୁଳି କରିଛି। ଜଗାର ଦୁଇ ଗୋଡ଼ରେ ଦୁଇଟି ଗୁଳି ବାଜିଥିବାରୁ ତାକୁ ଏବେ ଏମକେସିଜି ମେଡିକାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେ ଏବେ ପୁଲିସ ହେପାଜତରେ ଚିକିତ୍ସାଧୀନ ରହିଛି। ବିଗତ ୯ଦିନରେ ତିନୋଟି ବର୍ବର କାଣ୍ଡରେ ସମ୍ପୃକ୍ତ ତିନିଜଣ ଅଭିଯୁକ୍ତକୁ ପୁଲିସ ଏବେ ଗୁଳି କରିସାରିଛି। ପ୍ରକାଶ ଥାଉକି ଗତ ୧୬ ତାରିଖରେ ଲାଞ୍ଜିପଲି ଅଞ୍ଚଳର ଜଣେ ଭେଟେରାନ କ୍ରିମିନାଲ ଦିପୁ ନାୟକ ଓରଫ ଦିପୁନା ସହ ଗୋପାଳପୁର ପୁଲିସର ମୁହାଁମୁହିଁ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ଦିପୁନା ଗୁରୁତର ହୋଇଥିଲା। ସେହିପରି ଗତ ୧୮ ତାରିଖରେ ଗିରିରୋଡରେ ଅପରାଧୀ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଉମେଶ ରଥକୁ ବିଚ୍ ରାସ୍ତାରେ ଆକ୍ରମଣ କରିବା ସହ ବର୍ବରତାର ସୀମା ଟପିଯାଇଥିଲେ। ଏହି ଘଟଣାରେ ଟାଉନ ଥାନା ପୋଲିସ ମୁକେଶ ସାହୁକୁ ଟାମଣା ଘାଟିରେ ଗତ ୨୦ରେ ଏନକାଉଣ୍ଟର କରି ଆହତ କରିଥିଲା।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଏସ୍‌ସିବିରେ ମାତିଛନ୍ତି ରକ୍ତ ଦଲାଲ : ଚିହ୍ନା ନଥିଲେ ମିଳୁନି ରକ୍ତ

**କଟକ,୨୫/୦୫ ନ୍ୟୁଜ ବ୍ୟୁରୋ**

ମୋ ସ୍ୱାମୀଙ୍କୁ ବ୍ଲଡ୍ କ୍ୟାନ୍ସର୍। ବଞ୍ଚିବା ପାଇଁ ରକ୍ତ ଦରକାର । ରକ୍ତ ନାହିଁ ଦେହ ଜ୍ୱରରେ ଫୁଟୁଛି। ଚିକିତ୍ସା ପାଇ ରକ୍ତ ଯୋଗାଡ଼ କରିପାରିଲୁ ନାହିଁ ବୋଲି ଡାକ୍ତର ଓ୍ୱାର୍ଡରୁ ବାହାର କରିଦେଲେ। ରକ୍ତ ବନ୍ଦୋବସ୍ତ କରାଇଦେବେ ବୋଲି କହି ବ୍ଲଡ୍ ବ୍ୟାଙ୍କରୁ କେହି ଜଣେ ମୋ'ଠୁ ୧୫ ଶହ ଟଙ୍କା ନେଇ ପଳାଇଛନ୍ତି। ଆମର କେହି ନାହାନ୍ତି। ସରକାର ଟିକେ ସାହାଯ୍ୟ କରି ମୋ ସ୍ୱାମୀଙ୍କୁ ବଞ୍ଚାଇ ଦିଅନ୍ତୁ । ଜଣେ ବ୍ଲଡ୍ କ୍ୟାନ୍ସର୍ ରୋଗୀଙ୍କ ପତ୍ନୀର ଏପରି ଆକୁଳ ନିବେଦନ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । କର୍କଟ ଆକ୍ରାନ୍ତ ରୋଗୀଙ୍କ ନାଁ ପଦଲାମ ହରିଜନ(୩୫) । ଘର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକର ଡମାପଲା କୁଟୁବାଇ ଗ୍ରାମରେ। ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ପତ୍ନୀ ସୁନିତା ହରିଜନ ରକ୍ତ ପାଇବା ଲାଗି କାନ୍ଦିକାନ୍ଦି ନିବେଦନ କରୁଛନ୍ତି।




ନବରଙ୍ଗପୁରର ପାପଡ଼ାହାଣ୍ଡିଠାରୁ ଦୂର ଏକ ଦୁର୍ଗମ ଅଞ୍ଚଳରୁ ଆସିଥିବା କର୍କଟ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ୍‌ରେ ରକ୍ତ ନମିଳିବା ଦୁର୍ଭାଗ୍ୟଜନକ ଘଟଣା ହୋଇଛି । ରକ୍ତ ନମିଳିବା ସାଙ୍ଗକୁ ସମ୍ପୃକ୍ତ ରୋଗୀଙ୍କୁ ମେଡିକାଲ୍‌ରେ ରଖା ନଯିବାରୁ ସାବିତ୍ରୀ ଜନସେବା ନିଃଶୁଳ୍କ କର୍କଟ ଆଶ୍ରୟସ୍ଥଳରେ ଦମ୍ପତି ରହୁଛନ୍ତି ।

ଏସ୍‌ସିବି ମେଡିକାଲ୍ ରକ୍ତ ଭଣ୍ଡାର ଦଲାଲ୍‌ଙ୍କ କବଳରୁ ମୁକୁଳି ପାରୁନି। ରୋଗୀ ଯେତେ ଗୁରୁତର ହୋଇଥାଉନା କାହିଁକି ଚିହ୍ନା ମୁହଁ ନଥିଲେ ତାଙ୍କୁ ରକ୍ତ ମିଳିବା ଅସମ୍ଭବ। ସାଧାରଣ ରୋଗୀ ପାଇଁ ରକ୍ତ ଭଣ୍ଡାରରେ ଅନେକ କଟକଣା ରହିଛି। ମାତ୍ର ଦଲାଲ୍‌ଙ୍କ ପାଇଁ ରକ୍ତ ଭଣ୍ଡାର ଦୁଆର ସବୁବେଳେ ଖୋଲା। ରକ୍ତ ଭଣ୍ଡାର ଦଲାଲ ଆଡ୍ଡା ଜମାଉଥିବାରୁ ଏଠାରେ କିଏ କର୍ମଚାରୀ କିମ୍ବା କିଏ ବାହାର ଲୋକ ତାହା ଦୂରଦୂରାନ୍ତରୁ ଆସିଥିବା ରୋଗୀଟିଏ ଜାଣିବା କଷ୍ଟକର ବ୍ୟାପର। ଏହାର ସୁଯୋଗ ଦଲାଲ୍‌ମାନେ ରକ୍ତ ଭଣ୍ଡାରରେ ରକ୍ତ ବନ୍ଦୋବସ୍ତ କରାଇଦେବେ ବୋଲି ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ରକ୍ତ ପ୍ୟାକେଟ୍ ପିଛା ୧୫ ଶହରୁ ଦୁଇ ହଜାର ଟଙ୍କା ନେଉଥିବା ଅଭିଯୋଗ ହେଉଛି।

ରକ୍ତ ଭଣ୍ଡାରରେ ଦଲାଲ୍‌ଙ୍କ ସହ କିଛି କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବାର ଅଭିଯୋଗ ହେଉଛି । ପୂର୍ବରୁ ଏସ୍‌ସିବି ରକ୍ତ ଭଣ୍ଡାର ପରିସରୁ ଅନେକ ଦଲାଲ୍ ଗିରଫ ହୋଇଥିଲେ ମଧ୍ୟ ଫଳ ଶୂନ । ଦଲାଲ୍ ସକାଳେ ଗିରଫ ହେଲେ ତା' ପରଦିନ ଜେଲ୍‌ରୁ ମୁକୁଳି ପୁଣି ରକ୍ତ ଭଣ୍ଡାରରେ ଭିଡ଼ ଜମାଉଛନ୍ତି। ଏସ୍‌ସିବି ରକ୍ତ ଭଣ୍ଡାରରେ ଦଲାଲ୍‌ରାଜ୍‌କୁ ନେଇ ଅତୀତରେ ଅନେକ ବିବାଦୀୟ ସ୍ଥିତି ଉପୁଜିଥିଲେ ମଧ୍ୟ ଏଥିପ୍ରତି ମେଡିକାଲ୍ କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ମୁଖ୍ୟ ଓ କର୍ମଚାରୀମାନେ କେହି ଚେତୁ ନାହାନ୍ତି। ସାଧାରଣ ରୋଗୀଟିଏ ରକ୍ତ ମାଗିଲେ ମିଳୁନଥିବା ବେଳେ ଦଲାଲ୍‌ଙ୍କ ମାଧ୍ୟମରେ ପ୍ରଭାବଶାଳୀ ବ୍ୟକ୍ତିମାନେ ଚାପ ପକାଇଲେ ରକ୍ତ ମିଳିଯାଉଛି।


## ପ୍ରକାଶ ପାଇବାକୁ ଯାଉଛି...

## ମାସିକ ଗଳ୍ପ ପତ୍ରିକା "କଥାକଳିକା" ଜୁନ୍ ୨୦୨୬ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଡ଼ା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)